## ସଂକ୍ଷେପରେ

### ସୋନୁ ହତ୍ୟା ମାମଲା ପ୍ରେମ ବ୍ୟାପାରକୁ ନେଇ ହୋଇଛି ହତ୍ୟା, ଅଭିଯୁକ୍ତ ଚିହ୍ନଟ

**ବ୍ରହ୍ମପୁର ଅଫିସ୍,୨୧।୧୦:** ବ୍ରହ୍ମପୁର ବଡ଼ବଜାର ଥାନା ଅଧୀନ ଧାନମେରା ସାହିର ସୋନୁ ଘଡାଇ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ ହୋଇ ସାରିଛନ୍ତି। ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ଅନୁଯାୟୀ, ବିବାହିତ ସୋନୁଙ୍କର ବଡବଜାର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ବହୁ ପୂର୍ବରୁ ସମ୍ପର୍କ ରହି ଆସିଥିଲା । ଯୁବତୀ ଜଣକ ଅନ୍ୟତ୍ର ବିବାହ କରିଥିଲେ ମଧ ସ୍ୱାମୀଙ୍କ ଅନୁପସ୍ଥିତିରେ ସୋନୁ ତାଙ୍କ ଘରକୁ ଯା' ଆସ କରୁଥିଲେ । ଏହାକୁ ଯୁବତୀଙ୍କ ପରିବାର ଲୋକେ ବିରୋଧ କରୁଥିଲେ। ସୋନୁ ବିଏମସିର ଜଣେ ଠିକା ସଫେଇ କର୍ମଚାରୀ ଥିଲେ । ତାଙ୍କର ୨ଟି ସନ୍ତାନ ଅଛନ୍ତି। ମଙ୍ଗଳବାରଠାରୁ ସୋନୁ ନିଖୋଜ ଥିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ । ଏ ନେଇ ବଡବଜାର ଥାନାରେ ମୌଖିକ ଭାବେ ଜଣାଯିବା ପରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଥିଲା । ମଙ୍ଗଳବାର ସାନବଜାର ସାହି ଛକରେ ସୋନୁଙ୍କର ସମ୍ପୃକ୍ତ ଯୁବତୀଙ୍କ ସମ୍ପର୍କୀୟଙ୍କ ସହିତ ଯୁକ୍ତିତର୍କ ହୋଇଥିଲା । ପରେ ସୋନୁଙ୍କୁ କେତେଜଣ ଯୁବକ ମଦ ପିଇବା ବାହାନାରେ କେଉଁଆଡେ ନେଇ ଯାଇଥିଲେ। ୧୯ ତାରିଖରେ ହଳଦିଆପଦର ରେଲୱେ ଫ୍ଲାଏ ଓଭର ବ୍ରିଜ୍ ନିକଟ ଏକ ନାଳରୁ ଗୋଷାଣୀ ନୂଆଗାଁ ପୋଲିସ କ୍ଷତବିକ୍ଷତ ଏକ ମୃତଦେହ ଠାବ କରିଥିଲା। ତାହା ସୋନୁଙ୍କ ମୃତଦେହ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ମୃତ ସୋନୁଙ୍କ ମା' ରୋହିଣୀଙ୍କ ଏତଲାକୁ ଭିତ୍ତି କରି ଗୋଷାଣୀ ନୂଆଗାଁ ଥାନାରେ ନଂ.୧୨୮/୧୮ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନେ ଚିହ୍ନଟ ହୋଇସାରିଥିବା ଆଇଆଇସି କୁଳମଣି ସେଠୀ କହିଛନ୍ତି । ସେମାନେ ସୋନୁଙ୍କୁ ମଦ ପିଆଇବା ପରେ ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରି ନାଳରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କା ଥିବାରୁ ଅଭିଯୁକ୍ତମାନଙ୍କ ସମ୍ପର୍କରେ ଅଧିକ ସୂଚନା ଦିଆଯାଇନାହିଁ।

### ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର ଅଫିସ୍,୨୧।୧୦:** ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ତରଫରୁ ବିଜିପୁରସ୍ଥିତ ସନ୍ତୋଷୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସଭା ରବିବାର ଆୟୋଜିତ ହୋଇଥିଲା । ମଞ୍ଚର ସଭାପତି ତ୍ରିନାଥ ମହାରଣା ଏଥିରେ ଅଧକ୍ଷତା କରିଥିଲେ । ପ୍ରାରମ୍ଭରେ ମଞ୍ଚର ଆଭିମୁଖ୍ୟ ସମ୍ପର୍କରେ ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ସୂଚନା ଦେଇଥିଲେ । ବିଡ଼ିଏ ଅଧକ୍ଷ ସୁବାସ ଚନ୍ଦ୍ର ମହରଣା, ଜିଲ୍ଲା ମହିଳା ବିଜେଡ଼ି ସଭାନେତ୍ରୀ ସଂଘମିତ୍ରା ଦଳେଇ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଂସ୍କୃତି ମିତ୍ର ଅନିଲ କୁମାର ପାତ୍ର, ଅବସରପ୍ରାପ୍ତ ନୌସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ପଣ୍ଡିତ ମନମୋହନ ଶତପଥୀ ଏବଂ ଯୋଗଗୁରୁ ପୂର୍ଣ୍ଣଚନ୍ଦ୍ର ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଞ୍ଜୟ କୁମାର ମାଝି, ତରୁଣ କୁମାର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଉପସଭାପତି ଭାସ୍କର ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

# ମାସକରେ କଣ୍ଟାମୁକ୍ତ ହେଲା ୪ଶହ ଗଛ

**ବ୍ରହ୍ମପୁର ଅଫିସ୍,୨୧।୧୦**

- ସାଧାରଣ ଲୋକଙ୍କ ଗଛ ସୁରକ୍ଷା ଚିନ୍ତା
- ଗଛରେ ଫଳକ ନ ଲଗାଇବାକୁ କରାଯାଉଛି ସଚେତନ

ବାତ୍ୟା ହେଲେ ସମୁଦ୍ର ତଟସ୍ଥ ବ୍ରହ୍ମପୁର ପ୍ରଭାବିତ ହେଉଛି। ସାମୁଦ୍ରିକ ବାତ୍ୟା ଗୋପାଳପୁରରେ ସ୍ଥଳଭାଗ ଛୁଇଁବା ବେଳେ ବ୍ରହ୍ମପୁରରେ ଏହାର ତୀବ୍ର ପ୍ରଭାବ ଦେଖିବାକୁ ମିଳିଥାଏ । ବାତ୍ୟାରେ ଧନସମ୍ପତି ନଷ୍ଟ ହେଉଛି । ସହରରେ ଥିବା ପୁରୁଣା ଗଛସବୁ ଭାଙ୍ଗିପଡୁଛି । ପ୍ରତିବର୍ଷ ବାତ୍ୟାରେ ଶତାଧିକ ଗଛ ଟଳିପଡୁଛି। ସହରକୁ ସବୁଜିମାରେ ଭରିଦେବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉଛି । ଏପରିକି ସାମାଜିକ ସଙ୍ଗଠନଗୁଡ଼ିକ ମଧ ଗଛ ସୁରକ୍ଷା ଏବଂ ସଂରକ୍ଷଣରେ ସାମିଲ୍ ହେଉଛନ୍ତି । ଗତ କିଛି ସପ୍ତାହ ହେଲା ସହରର ସାଧାରଣ ଲୋକମାନେ ମଧ ଏଥିରେ ଭାଗ ନେଇଛନ୍ତି । ଫଳରେ ଏହା ବ୍ରହ୍ମପୁର ସହରରେ ଏବେ ପରିବେଶ ଆନ୍ଦୋଳନରେ ପରିଣତ ହୋଇଛି ।

ସହରରେ ଲାଗିଥିବା ଗଛଗୁଡ଼ିକରେ କେତେକ ବ୍ୟବସାୟୀ ନିଜ ସଂସ୍ଥାର ପ୍ରଚାର ପାଇଁ ବିଜ୍ଞାପନ ଫଳକ ଲଗାଇଥାନ୍ତି । ଫଳକ ଟଙ୍ଗାଇବା ପାଇଁ ଗଛରେ ଲୁହା କଣ୍ଟା ଫେଡିଥାନ୍ତି। ଯଦ୍ଦ୍ୱାରା ଗଛଟି ଅଳ୍ପ କିଛି ମାସ ମଧ୍ୟରେ ନଷ୍ଟ ହୋଇଯାଏ । କଣ୍ଟା ଯୋଗୁ ଗଛର ଖାଦ୍ୟ ସଂଗ୍ରହରେ ସମସ୍ୟା ହୁଏ । ସହରର ଅନେକ ପୁରୁଣା ଗଛ ଏହି କଣ୍ଟା ଯୋଗୁ ନଷ୍ଟ ହୋଇଯାଇଥିଲା । ସାମାଜିକ ସଂଗଠନ 'ସବୁଜ ବାହିନୀ' ତରଫରୁ ଏହା ବିରୋଧରେ ଏକ କ୍ୟାମ୍ପେନ୍ ଆୟୋଜିତ କରାଯାଇଥିଲା । ବ୍ରହ୍ମପୁର ବନ ବିଭାଗର ସହଯୋଗରେ ସେପ୍ଟେମ୍ବର ୨୩ ତାରିଖରେ ଗଛଗୁଡ଼ିକରୁ କଣ୍ଟା ବାହାର କରିବା 'ମୁଁ ବି ବଞ୍ଚିବାକୁ ଚାହେଁ' ଅଭିଯାନ ଆରମ୍ଭ ହୋଇଥିଲା । ବିଭିନ୍ନ ସଂଗଠନ ଏଥିରେ ସହଯୋଗ କରିଥିଲେ । ଗତ ଏକ ମାସ ମଧ୍ୟରେ ସହରର ରାମଲିଙ୍ଗମ୍ ପୋଖରୀ ପାଖରୁ ୧୧ଟି ଗଛରୁ ୫୦ କଣ୍ଟା ଏବଂ ୫ଟି ବିଜ୍ଞାପନ ଫଳକ, ହରିଡ଼ାଖଣ୍ଡି ପୋଖରୀ ପାଖରୁ ୨୮ଟି ଗଛରୁ ୧୩୪ କଣ୍ଟା ଏବଂ ୨ଟି ବ୍ୟାନର୍, ଗାନ୍ଧୀନଗର ମୁଖ୍ୟରାସ୍ତାରୁ ୪୧ଟି ଗଛରୁ ୭୩ କଣ୍ଟା ଏବଂ ୮ଟି ବିଜ୍ଞାପନ ଫଳକ, ବଡ଼ମେଡ଼ିକାଲ୍ ପରିସରରେ ଥିବା ୨୭୦ ଗଛରୁ ୪୫୧ଟି କଣ୍ଟା ଏବଂ ୩୪ଟି ବିଜ୍ଞାପନ ଫଳକ ଏବଂ ଫାଷ୍ଟଗେଟ୍ ପାଖରୁ ୫୦ଟି ଗଛରୁ ୪୧ କଣ୍ଟା ଏବଂ ୪ଟି ବିଜ୍ଞାପନ ଫଳକ ବାହାର କରାଯାଇଛି ।



ହରିଡ଼ଖଣ୍ଡି ପୋଖରୀ ନିକଟ ଗଛରୁ ଅଞ୍ଚଳବାସୀ କଣ୍ଟା ବାହାର କରୁଛନ୍ତି ।

କିଛିଦିନ ହେଲା ବିଭିନ୍ନ ଅଞ୍ଚଳର ସାଧାରଣ ଲୋକେ ଏହି ଅଭିଯାନରେ ସାମିଲ୍ ହେଉଛନ୍ତି । ସେମାନେ ନିଜେ ଗଛରୁ କଣ୍ଟା ବାହାର କରିବା ସହ ସେମାନଙ୍କ ଅଞ୍ଚଳର ଲୋକଙ୍କୁ ଗଛରେ କଣ୍ଟା ନ ମାରିବା ପାଇଁ ସଚେତନ କରୁଛନ୍ତି । ଏମାନଙ୍କ ମଧ୍ୟରେ ଅଛନ୍ତି ଗ୍ୟାରେଜ୍ କର୍ମଚାରୀ, ଲୁଗା ଦୋକାନୀ, ଲୁଗା ସଫା ଦୋକାନୀ ଭଳି ଅତି ସାଧାରଣ ବୃତ୍ତିରେ ଥିବା ଲୋକେ। ବନ୍ତୋଷ କୁମାର ସାହୁ, ସନ୍ତୋଷ ପାତ୍ର ଏବଂ ଦୁର୍ଯ୍ୟୋଧନ ସେଠୀଙ୍କ କହିବାନୁଯାୟୀ, ଗଛରୁ କଣ୍ଟା ବାହାର କରିବା ପାଇଁ 'ସବୁଜ ବାହିନୀ' ତରଫରୁ ନିଆଯାଇଥିବା ପଦକ୍ଷେପ ପ୍ରଶଂସନୀୟ । ଆମ ଅଞ୍ଚଳରେ ଏହି ଅଭିଯାନରେ ସାମିଲ୍ ହୋଇ ଖୁସି ଲାଗୁଛି। ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ କୁହନ୍ତି, ଏହି ଅଭିଯାନର ସକରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି । ଗତ ଏକ ମାସ ମଧ୍ୟରେ ୪ଶହ ଗଛରୁ ପ୍ରାୟ ସାଢ଼େ ୭ଶହ କଣ୍ଟା ଓ ୫୦ରୁ ଅଧିକ ବିଜ୍ଞାପନ ଫଳକ ବାହାର କରାଯାଇଛି । ଉଦ୍ଭିଦ ବିଜ୍ଞାନୀଙ୍କ ସହଯୋଗରେ କ୍ଷତିଗ୍ରସ୍ତ ଗଛଗୁଡ଼ିକର ଚିକିତ୍ସା କରାଯାଉଛି । ବର୍ତ୍ତମାନ ଏହି ଅଭିଯାନରେ ସାଧାରଣ ଲୋକେ ସାମିଲ ହେଲେଣି। ସବୁ ଅଞ୍ଚଳରେ ପ୍ରବଳ ସହଯୋଗ ମିଳୁଥିବା ସେ କହିଛନ୍ତି ।

# କବିତାଘର ସାହିତ୍ୟ ମଞ୍ଚର ବାର୍ଷିକ ସାହିତ୍ୟ ଉତ୍ସବ




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବ୍ରହ୍ମପୁର ଅଫିସ୍,୨୧।୧୦**

ବ୍ରହ୍ମପୁରସ୍ଥିତ ଗଞ୍ଜାମର କବିତାଘର ସାହିତ୍ୟ ମଞ୍ଚର ବାର୍ଷିକ ସାହିତ୍ୟ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଇଞ୍ଜିନିୟରିଂ ସ୍କୁଲ ଛକସ୍ଥିତ ରାଜସ୍ୱ ଡାକବଙ୍ଗଳା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ରାଜେନ୍ଦ୍ର କୁମାର ବେହେରା ଅଧକ୍ଷତା କରିଥିଲେ। ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ଗାଳ୍ପିକା ହିରଣ୍ମୟୀ ମିଶ୍ର, ସାହିତ୍ୟ ଏକାଡେମୀ ସଦସ୍ୟ ନବରଙ୍ଗପୁରର ବୁଲୁ ହୋତା, ଲେଖିକା ଈପ୍‌ସିତା ଷଡଙ୍ଗୀ, ନବୀନର ସମ୍ପାଦକ ରବି ରଥ, ଭୂ ବୈଜ୍ଞାନିକ ଅସିତ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ 'ମୁଁ କାହିଁକି ଲେଖେ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁରର କବି ଜୟନ୍ତୀ ବେହେରା, କବି ଅସିତ କୁମାର ସ୍ୱାଇଁ ପ୍ରମୁଖ ଆଲୋଚନାଚକ୍ରରେ ଭାଗନେଇଥିଲେ। ଅନୁଷ୍ଠାନର ସମ୍ପାଦକ ଭାଗୀରଥି ବେହେରା ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ରାଉରକେଲାର କବି ଅଙ୍ଗୁରବାଳା ପରିଡାଙ୍କୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ କବି ସମ୍ମାନ ପ୍ରଦାନ କରାଯାଇଥିଲା। ଖଲ୍ଲିକୋଟର ସନ୍ତୋଷ ପ୍ରଧାନଙ୍କୁ ଜିଲାସ୍ତରୀୟ ଶ୍ରେଷ୍ଠ କବି ସମ୍ମାନ, ମାଟିମଗ୍ନା ପୁସ୍ତକ ପାଇଁ କବି ମାନିନୀ ମିଶ୍ରଙ୍କୁ ସ୍ୱର୍ଗତ ଦେବମଣି ସାହୁ କବିତା ପୁସ୍ତକ ସ୍ମୃତି ସମ୍ମାନ, ସୌରଭ ପତ୍ରିକା ପାଇଁ କବି ସୁଶାନ୍ତ ଦାଶଙ୍କୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ସମ୍ପାଦକ, କବି ରାଧାକାନ୍ତ ଦାଶଙ୍କୁ ଚିତ୍ରକର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଡ. ରାଜେନ୍ଦ୍ର କୁମାର ବେହେରାଙ୍କ ପୁସ୍ତକ 'ଅଙ୍କକଷା', ସନ୍ତୋଷ ପ୍ରଧାନଙ୍କ 'ମଣିଷ ଭୋକର ଭାଷା', ଅଞ୍ଜନା ବେହେରାଙ୍କ 'ଔଦ୍ଧତ୍ୟପଣ', କଳ୍ପଲତା ମହାପାତ୍ରଙ୍କ 'ଚିହ୍ନା ଜହ୍ନ ଅଚିହ୍ନା କଇଁ', ସରଜିନୀ ସାହୁଙ୍କ 'ଏକଦା ଭଲ ପାଉଥିବା ମୁହଁ' ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ମୁଖପତ୍ର ଭାଗୀରଥି କବିତାର ଗଙ୍ଗା ସାହିତ୍ୟ ପତ୍ରିକା ଉନ୍ମୋଚିତ ହୋଇଥିଲା। କବିତା ପାଠୋତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ନବରଙ୍ଗପୁର ସଦସ୍ୟ ବୁଲୁ ହୋତା , ସୁଧାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇଥିବା ବେଳେ କବି ନୀଳକଣ୍ଠ ସାହୁ, ଜଗନ୍ନାଥ ବେହେରା, ସୁନନ୍ଦା ପାଢୀ ସଂଯୋଜନା କରିଥିଲେ । ସୁଦାମ ପାଣିଗ୍ରାହୀ, ରବିନାରାୟଣ ମିଶ୍ର, ତାପସ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ତଥା ଜିଲା ବାହାରୁ ଶତାଧିକ କବି କବୟିତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଫୁଟବଲ୍ ଟିମ ଚୟନ

**ବ୍ରହ୍ମପୁର ଅଫିସ୍,୨୧।୧୦**

ଆସନ୍ତା ୨୫ରୁ ୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରଠାରେ ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟିମ ଭାଗନେବ। ଏଥିପାଇଁ ଖେଳାଳି ଚୟନ ଚାଲିଛି। କୋଚ୍ ରାଜେଶ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଖେଳାଳିଙ୍କୁ ମନୋନିତ କରାଯିବ। ଚୟନ ଶିବିରରେ ବିଶ୍ୱବିଦ୍ୟାଳୟ ଅର୍ନ୍ତଗତ ବିଭିନ୍ନ ମହାବିଦ୍ୟାଳୟର ୩୨ ଖେଳାଳି ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ସୁନାବେଡ଼ା, କୋରାପୁଟ, ବାଲିଗୁଡ଼ା, ସେମିଳିଗୁଡ଼ା, ବ୍ରହ୍ମପୁର, କୋଟପାଡ଼, ଭଞ୍ଜନଗର, ଉଦୟଗିରି, ଫିରିଙ୍ଗିଆ, ଜୟପୁର ଏବଂ ନବରଙ୍ଗପୁର ଅଞ୍ଚଳର ମହାବିଦ୍ୟାଳୟର ଖେଳାଳିମାନେ ଶିବିରରେ ସାମିଲ୍ ହୋଇଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଅରବିନ୍ଦ



@ ଭଗବାନ



@ ବିକାଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ ଟିମ୍‌ରେ ଗଞ୍ଜାମରୁ ୬ ଖେଳାଳି

**ବ୍ରହ୍ମପୁର ଅଫିସ,୨୧।୧୦:** ଆସନ୍ତା ୨୮ରୁ ୨ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାଗପୁର ଠାରେ ୨୩ତମ ସବ୍‌ଜୁନିୟର୍ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଓଡ଼ିଶା ଟିମ ଭାଗନେବ । ଓଡ଼ିଶା ଟିମରେ ଗଞ୍ଜାମ ଜିଲାର ୬ଜଣ ଖେଳାଳି ଅଛନ୍ତି । ସେମାନେ ହେଲେ ଆସିକାର ଏମ୍.ସନ୍ତୋଷ କୁମାର ରାଓ ଏବଂ କୁମାର ହଂସରାଜ୍, ବ୍ରହ୍ମପୁରର ସତ୍ୟଶୁଭମ୍ ସାହୁ, ଏମ୍.ରାଧେଶ୍ୟାମ ପାତ୍ର ଏବଂ ଆହ୍ୱାନ ପଟ୍ଟନାୟକ ଓ ସୋରଡ଼ାର ଦୀପକ ଦାସ। ଏହି ଖେଳାଳିମାନେ ଗଞ୍ଜାମ ଜିଲା ଟେନିସବଲ୍ କ୍ରିକେଟ ସଂଘ ଅଧିନରେ ତାଲିମ୍ ନେଉଥିଲେ। ଖେଳାଳିଙ୍କୁ ସଂଘର ସଭାପତି ଡା. ସମରେନ୍ଦ୍ର ସାହୁ, ଉପସଭାପତି ଦୁଷ୍ମନ୍ତ ପାଢ଼ୀ, ସାଧାରଣ ସମ୍ପାଦକ ସଞ୍ଜୟ ବିଷୋୟୀ, ଅଧକ୍ଷ ରବି ମିଶ୍ର ଏବଂ ପ୍ରଶାନ୍ତ ମୁନି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।



ସଂଘର କର୍ମକର୍ତ୍ତାଙ୍କ ଗହଣରେ ଖେଳାଳିମାନେ ।

# ଜୁଆ ଆଡାରୁ ୭ ଗିରଫ

**ବ୍ରହ୍ମପୁର ଅଫିସ୍,୨୧।୧୦**

ବ୍ରହ୍ମପୁର ସଦର ଥାନା ପୋଲିସ ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପୃଥକ ୨ଟି ଜୁଆ ଆଡ୍ଡା ଉପରେ ଚଢାଉ କରି ୭ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ତାସ ମୁଠା ଏବଂ ଟଙ୍କା ଜବତ ହୋଇଛି। ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ପୋଲିସ ଆଙ୍କୁଶପୁର ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୧୩,୨୦୦ ଟଙ୍କା ଜବତ କରାଯାଇଥିଲା। ସେହିପରି ବେନ୍ଦାଳିଆ ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇ ୩ ଜଣଙ୍କୁ ଗିରଫ କରାଯିବା ସହ ୫,୪୦୦ ଟଙ୍କା ଜବତ ହୋଇଛି। ଏ ନେଇ ସଦର ଥାନାରେ ପୃଥକ ୨ଟି ମାମଲା (ନଂ.୨୪୫ ଓ ୨୪୪/୧୮) ରୁଜୁ ହୋଇଛି। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶିବଶଙ୍କର ମହାପାତ୍ର କହିଛନ୍ତି ।

# ପୋଲିସ ଶହୀଦ ଦିବସ ପାଳିତ

**ବ୍ରହ୍ମପୁର ଅଫିସ୍,୨୧।୧୦**

ପୋଲିସ ଶହୀଦ ଦିବସ ଅବସରରେ ରବିବାର ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ଆମ୍ବପୁଆ ସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ମିଳିତ ପ୍ୟାରେଡ୍ କରାଯିବା ସହ ଶହୀଦଙ୍କ ସ୍ମୃତି ଚାରଣ କରାଯାଇଥିଲା । ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ଦେଶରେ ଶହୀଦ ହୋଇଥିବା ୪୧୪ ପୋଲିସଙ୍କର ନାମ କୁହାଯାଇଥିଲା। ସେମାନଙ୍କ ମଧ୍ୟରେ ରାୟଗଡା ଜିଲାର କନଷ୍ଟେବଲ ସଞ୍ଜୟ କୁମାର ମାଝି ଅଛନ୍ତି । ଶହୀଦ ସ୍ତମ୍ଭରେ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ମୃତିଚାରଣ କରାଯାଇଥିଲା । ପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଏଏସପି ଶାନ୍ତନୁ ଦାସ, ପ୍ରଭାତ ରାଉତରାୟ, ଡିଏସପି ଏମ୍‌ଏସ ଶାନ୍ତା ନୂତନ ସମ୍ବାଦ, ଏସଡିପିଓ ଅଶୋକ କୁମାର ମହାନ୍ତି, ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ, କୁଳମଣି ସେଠୀ, ସୁଶାନ୍ତ କୁମାର ସାହୁ , ନିହାର ରଞ୍ଜନ ପ୍ରଧାନ, ମମତା ନାୟକ ପ୍ରମୁଖଙ୍କ ସହ ସମସ୍ତ ପୋଲିସ ଅଧିକାରୀ, ପଦାଧିକାରୀ ଏବଂ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ ।




ସହୀଦ ସ୍ତମ୍ଭ ନିକଟରେ ଏସପି ଓ ଅନ୍ୟ ପୋଲିସ ଅଧିକାରୀମାନେ।

# ଗଞ୍ଜାମ ବନ୍ୟା ପାଇଁ ଜଳସମ୍ପଦ ବିଭାଗ ଦାୟୀ

**ବ୍ରହ୍ମପୁର ଅଫିସ୍,୨୧।୧୦**

## ସିପିଏମ୍‌ର ଅଭିଯୋଗ

- ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦାବି
- ରିଲିଫ ବଣ୍ଟନରେ ସରକାରୀ କଳ ବିଫଳ

ତିତ୍‌ଲି ବାତ୍ୟା ପରେ ଗଞ୍ଜାମରେ ହୋଇଥିବା ବନ୍ୟା ମନୁଷ୍ୟକୃତ । ଏଥିପାଇଁ ଜଳସମ୍ପଦ ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ସିପିଏମ ଜିଲା କମିଟି ଅଭିଯୋଗ କରିଛି। ନିରପେକ୍ଷ ତଦନ୍ତ ସହ ସମ୍ପୃକ୍ତ ଦୋଷୀଙ୍କୁ ସରକାର ଦଣ୍ଡ ଦେବା ପାଇଁ ଦାବି ହୋଇଛି। ସିପିଏମ (ମାର୍କସ ବାଦୀ କମ୍ୟୁନିଷ୍ଟ ପାର୍ଟି ) ପକ୍ଷରୁ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ସମ୍ପାଦକ କୈଳାସ ଷଡଙ୍ଗୀ କହିଛନ୍ତି, ଗଜପତି ଜିଲାର ଅଡବା ନିକଟରେ ଥିବା ହରଭଙ୍ଗୀ ଡ୍ୟାମର ସମସ୍ତ ଗେଟ ବିନା ସତର୍କ ସୂଚନାରେ ଖୋଲିଦେବା ଦ୍ୱାରା ଗଞ୍ଜାମ ଜିଲା ସୋରଡା ବ୍ଲକର ବଡଗଡ ଅଞ୍ଚଳରେ ବନ୍ୟାର ତାଣ୍ଡବ ସୃଷ୍ଟି ହୋଇଥିଲା । ସେହି ବନ୍ୟାଜଳ ଋଷିକୁଲ୍ୟା ନଦୀରେ ପଶିବାରୁ ଆସିକା ସହର ଜଳାର୍ଣ୍ଣବ ହୋଇଥିଲା । ସେଠାରୁ ବିପନ୍ନ ଲୋକଙ୍କୁ ଉଦ୍ଧାର କରିବା ପାଇଁ ସେନାବାହିନୀକୁ ନିୟୋଜିତ କରିବାକୁ ପଡିଲା ।

ବଡଗଡ, ସୋରଡା, ଆସିକା, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ ଅଞ୍ଚଳର ଶହ ଶହ ହେକ୍ଟର ଜମି ଜଳମଗ୍ନ ହୋଇ ଧାନ ଓ ଅଣଧାନ ଫସଲ କ୍ଷତି ହୋଇଛି । ଚାଷ ଜମି ବାଲିଚର ମଧ ହୋଇଯାଇଛି । ଭଞ୍ଜନଗର, ବେଲଗୁଣ୍ଠା ବ୍ଲକରେ ମଧ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଜଳସମ୍ପଦ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଛି । ସେହି ବିଭାଗର ଇଞ୍ଜିନିୟର ଓ କର୍ମଚାରୀଙ୍କ ବେପରୁଆ କାର୍ଯ୍ୟ ଯୋଗୁଁ ଲକ୍ଷାଧିକ ଚାଷୀ ଓ ଅଣଚାଷୀଙ୍କ ମୁଣ୍ଡରେ ଚଡକ ପଡିଯାଇଥିବା ସିପିଏମ ଜିଲା ସମ୍ପାଦକ କହିଛନ୍ତି । ସେ ଆହୁରି କହିଥିଲେ ଯେ, ବାହୁଦା ନଦୀରେ ମଧ ବନ୍ୟା ହେବାରୁ ପାତ୍ରପୁର ବ୍ଲକର ବାଘଲଟି ଜଳ ଭଣ୍ଡାରରେ ପାଣି ଭର୍ତ୍ତି ହୋଇଗଲା । ୧୧ ତାରିଖରେ ଆଗୁଆ ସତର୍କ ସୂଚନା ନ ଦେଇ ଡ୍ୟାମ ଗେଟ ଖୋଲିଦେବାରୁ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି । ଘୋଡାହାଡ ଡ୍ୟାମରେ ମଧ ଅନୁରୂପ କାର୍ଯ୍ୟ କରାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଜିଲାର ସବୁ ଅଞ୍ଚଳରେ ବିପନ୍ନ ଲୋକଙ୍କୁ ରିଲିଫ ବଣ୍ଟନରେ ଅବହେଳା କରାଯାଇଛି। ଫସଲ ହାନି ହୋଇଥିବା ସମସ୍ତ ଚାଷୀଙ୍କୁ ସରକାର ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ଦେବା ଏବଂ କୃଷିଋଣ ସମ୍ପୂର୍ଣ୍ଣ ଛାଡ କରିବାକୁ ସିପିଏମ ଦାବି କରିଛି । ସରକାରୀ ରିପୋର୍ଟ ଅପେକ୍ଷା ବନ୍ୟାରେ ମୃତ୍ୟୁ ଓ ନିଖୋଜଙ୍କ ସଂଖ୍ୟା ଅଧିକ ହୋଇଥିବା ସମ୍ପାଦକ ସୂଚାଇଛନ୍ତି । ଖବରଦାତା ସମ୍ମିଳନୀରେ କୃଷକ ସଭା ଜିଲା ସମ୍ପାଦକ ପି. ହରିକୃଷ୍ଣ ରେଡ୍ଡୀ, ସିଟୁ ନେତା ଯୁଧିଷ୍ଠିର ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚକ୍ଷୁ ଚିକିତ୍ସା ଶିବିର



**ବ୍ରହ୍ମପୁର ଅଫିସ,୨୧।୧୦:** ବ୍ରହ୍ମପୁର ମହାନଗର ନିଗମ (ବିଏମସି) ୪୨ନଂ. ୱାର୍ଡବାସୀ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୁଲ୍ୟରେ ଶ୍ରୀରାମନଗର ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ଓକିଲ ସଂଘ ସଭାପତି ଶିଶିର ପାଢୀ, ପୂର୍ବତନ କର୍ପୋରେଟର ଆର. ମୁରଲୀ ମୋହନ, ପୂର୍ବତନ କର୍ପୋରେଟର ଅନିଲ କୁମାର ନାୟକ, ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଲା, ଆଇନଜୀବୀ ପ୍ରଦୀପ ବେହେରା, ଜିପିସିଡିଏ ଉପସଭାପତି ଆଲୋକ ରଞ୍ଜନ ଜେନା, ସାମାଜିକ କର୍ମୀ ସୂର୍ଯ୍ୟ ପରିଡା, ଶ୍ରୀକାନ୍ତ ପାଣିଗ୍ରାହୀ, ରମେଶ ନାୟକ ପ୍ରମୁଖ ଅତିଥିମାନଙ୍କ ଉପସ୍ଥିତିରେ ଶିବିର ଆରମ୍ଭ ହୋଇଥିଲା। ୧୧୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୧ ଜଣଙ୍କୁ ଚଷମା ଦିଆଯାଇଥବା ବେଳେ ୨୧ ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ସନ୍ତୋଷ କୁମାର ବିଶ୍ୱାଳ, ବାଦଲ କୁମାର ବିଷୋୟୀ, ନରସିଂହ ଦେବ ନାୟକ, ସନ୍ତୋଷ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଦୁର୍ଘଟଣାରେ ୨ ଆହତ

**ବୁଗୁଡା,୨୧।୧୦(ଡି.ଏନ୍.ଏ.):** ବୁଗୁଡା ଥାନା ବାଙ୍କେଶ୍ୱରୀ ମନ୍ଦିର ନିକଟରେ ରବିବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବୁଗୁଡାର ବସନ୍ତ ନାୟକ ଓ ମିଟୁ ଜେନା। ଏମାନେ ବାଇକରେ ବାଲିପଦରରୁ ବୁଗୁଡା ଆସୁଥିବାବେଳେ ଭାରସାମ୍ୟ ହରାଇ ଗାଡିରୁ ପଡିଥିଲେ। ଆହତମାନଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଛି।

■ ବ୍ୟାଙ୍କ ଆଗରୁ ଟଙ୍କା ଲୁଟ୍ ଘଟଣା

# ଲୁଟେରାଙ୍କୁ ଚିହ୍ନଟ କରିବାରେ ପୋଲିସ ବିଫଳ

**ବ୍ରହ୍ମପୁର ଅଫିସ୍,୨୧।୧୦**

ବ୍ରହ୍ମପୁର କୋର୍ଟପେଙ୍ଠା ଛକ ନିକଟସ୍ଥ ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରୁ ଜଣେ ଯୁବକଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟ୍ ଘଟଣାକୁ ରବିବାର ମାସେ ପୂରିଛି। ହେଲେ ଏ ପର୍ଯ୍ୟନ୍ତ ଲୁଟେରାମାନଙ୍କୁ ପୋଲିସ ଚିହ୍ନଟ କରିବାରେ ସଫଳ ହୋଇପାରିନାହିଁ। ଅନ୍ୟପକ୍ଷରେ ଅଭିଯୁକ୍ତମାନଙ୍କୁ କାବୁ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପୋଲିସ ପକ୍ଷରୁ କୁହାଯାଉଛି। ସେପ୍ଟେମ୍ବର ୨୦ ତାରିଖରେ କୋର୍ଟପେଙ୍ଠା ଛକ ନିକଟସ୍ଥ ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରୁ ଅଯୋଧ୍ୟା ନଗରର ଅନିଲ ପ୍ରଧାନଙ୍କଠାରୁ ଦୁର୍ବୃତ୍ତମାନେ ୨ ଲକ୍ଷ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ଅନିଲ ମୁଖ୍ୟରାସ୍ତା ଡିଭାଇଡର୍ ପାର କରି ବ୍ୟାଙ୍କ ସମ୍ମୁଖକୁ ନିଜ ସ୍କୁଟିରେ ଆସୁଥିବା ବେଳେ ୨ ଯୁବକ ହେଲମେଟ୍ ପିନ୍ଧି ବାଇକରେ ଆସି ତାଙ୍କୁ ଅଟକାଇଥିଲେ । 'ଛତ୍ରପୁର ଯିବା ପାଇଁ ରାସ୍ତା କେଉଁଟା' ବୋଲି ସେମାନେ ପଚାରିଥିଲେ । ଅନିଲ ରାସ୍ତା ଦେଖାଉଥିବା ବେଳେ ଦୁର୍ବୃତ୍ତ ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପି ନେଇଥିଲେ । ଏହି ସମୟରେ ନିଜ ସ୍କୁଟିରୁ ପଡିଯାଇ ଅନିଲ ଆହତ ହୋଇଥିଲେ । ଟଙ୍କା ଚୋରି ନେଇ ଅନିଲ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ । ଅଭିଯୋଗକୁ ଭିତ୍ତି କରି ଗୋଷାଣୀନୂଆଗାଁ ଥାନା ଆଇଆଇସି କୁଳମଣି ସେଠୀଙ୍କ ସମେତ ବୈଦ୍ୟନାଥପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଘଟଣାଦିନ ଟଙ୍କା ନେଇ ଅନିଲ ପ୍ରଥମେ ଷ୍ଟେଟବ୍ୟାଙ୍କର ମେଡିକାଲ ଶାଖାକୁ ଯାଇଥିଲେ । ସେଠାରୁ କୋର୍ଟପେଙ୍ଠା ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାକୁ ଆସିଥିଲେ। ତେଣୁ ଉଭୟ ବ୍ୟାଙ୍କର ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରିଥିଲା। ସିସିଟିଭି କ୍ୟାମେରାର ରେଞ୍ଜ୍ ବାହାରେ ଲୁଟ ହୋଇଥିବାରୁ ଦୁର୍ବୃତ୍ତଙ୍କ ଚିତ୍ର କଏଦ ହୋଇପାରି ନ ଥିଲା । ତେଣୁ ଲୁଟେରାଙ୍କ ସମ୍ପର୍କରେ କୌଣସି ତଥ୍ୟ ମିଳିପାରି ନାହିଁ। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୧୯୫/୧୮ରେ ମାମଲା ରୁଜୁ କରାଯାଇଛି। ଲୁଟେରାଙ୍କୁ ଧରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ଜଣାଇଛନ୍ତି । ସୂଚନାଯୋଗ୍ୟଯେ, ବ୍ୟାଙ୍କ ଗୁଡିକରେ ଉଚ୍ଚ କ୍ଷମତା ସମ୍ପନ୍ନ ସିସିଟିଭି ଖଞ୍ଜାଯିବାକୁ ନିର୍ଦ୍ଦେଶ ରହିଛି। ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ ସୁରକ୍ଷା ବ୍ୟବସ୍ଥାକୁ ଖାମଖିଆଲି ଭାବେ ନେଉଥିବା ଅଭିଯୋଗ ହେଉଛି। ବାରମ୍ବାର ବ୍ୟାଙ୍କ ସମ୍ମୁଖରୁ ଏପରି ପ୍ରକାରେ ଲୁଟ୍ ହେଉଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉ ନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଯେତେ ତାଗିଦ୍ କରିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ମାନେ ସୁରକ୍ଷା ଦିଗକୁ ଧ୍ୟାନ ଦେଉନାହାନ୍ତି ବୋଲି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କହିଛନ୍ତି । ବ୍ୟାଙ୍କ କର୍ତ୍ତୃପକ୍ଷମାନେ ଏଟିଏମ ଗୁଡିକରେ ସୁରକ୍ଷା ଗାର୍ଡ ମୁତୟନ କରିପାରନାହାନ୍ତି। ଶତ ପ୍ରତିଶତ ସାଇରନ ବ୍ୟବସ୍ଥା ହୋଇପାରିନାହିଁ । କିଛି ଅଘଟଣ ଘଟିଲେ ପ୍ରଥମେ ସ୍ଥାନୀୟ ଥାନାକୁ ସୂଚନା ଦେବାପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷମାନଙ୍କୁ ପରାମର୍ଶ ଦିଆଯାଇଥିବା ଏସପି କହିଛନ୍ତି ।

# ପୋଲିସ୍ ଶହୀଦ ଦିବସ ପାଳିତ



ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

**ଫୁଲବାଣୀ ଅଫିସ, ୨୧।୧୦**

କନ୍ଧମାଳ ଜିଲା ମାଦିକୁନ୍ଦାସ୍ଥିତ ପୋଲିସ ରିଜର୍ଭ ପଡିଆରେ ରବିବାର ପୋଲିସ ଶହିଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶହୀଦ୍‌ମାନଙ୍କ ଉଦ୍ଦେଶ୍ୟରେ ତୋପ ସଲାମୀ ଦିଆଯାଇଥିଲା । ଏସ୍‌ପି ପ୍ରତୀକ୍ ସିଂ ଶହୀଦ୍‌ମାନଙ୍କ ନାମ କହିଥିଲେ। ଏଥିସହ କନ୍ଧମାଳରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ପରିବାର ଲୋକଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ, ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ, ଟାଉନ ଥାନାଧିକାରୀ ସତ୍ୟବ୍ରତ ରାଉତଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, କନ୍ଧମାଳ ଜିଲାରେ ୨୦୧୨ ଜାନୁୟାରୀ ୫ ତାରିଖରେ କୋଟଗଡ ବ୍ଲକ ଶ୍ରୀରାମପୁରରେ ମାଓବାଦୀ ଲ୍ୟାଣ୍ଡ ଲାଇନ ବିସ୍ଫୋରଣ ଘଟାଇଥିଲେ । ଏଥିରେ ସୁନାଶୀର ମହାନ୍ତି, ଉମାକାନ୍ତ ଜାନି, ସଂଗ୍ରାମ କୁମାର ଲେଙ୍କାଙ୍କ ମୃତ୍ୟୁ ହୋଇଥିଲା । ସେହିପରି ଅନ୍ୟ ଏକ ଘଟଣାରେ ନାରେଙ୍ଗା ମଲ୍ଲିକ ଶହୀଦ ହୋଇଥିଲେ। ଜିଲା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳନ ପୂର୍ବରୁ ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ ପ୍ରଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା, ଗଣଦୌଡ ଆଦି କରାଯାଇଥିଲା ।

# ସିମନବାଡ଼ିରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଦାରିଙ୍ଗବାଡ଼ି,୨୧।୧୦(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ିଠାରେ ଦଶହରା ପର୍ବ ପାଳନ ଅବସରରେ ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ବିଜୁ ଜନତା ଦଳର ଜିଲା ସଭାପତି ପ୍ରଦୀପ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଦାରିଙ୍ଗବାଡ଼ି ଥାନା ଆଇଆଇସି ଅଲେଖ ଗରଡ଼ିଆ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ସିମନବାଡ଼ି ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ, ତିଲୋରୀ ସରପଞ୍ଚ ବିଷ୍ଣୁ ଚରଣ ପ୍ରଧାନ, ସିମନବାଡ଼ି ସରପଞ୍ଚ ଅମିତା ପ୍ରଧାନ, ସମିତିସଭ୍ୟା ଟୁନି ମୁଖି, ପୁଜା କମିଟିର ସଭାପତି ଜିତେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ସଂପାଦକ କେ. ଶଙ୍କର ଆଚାରୀ, ଉପସଭାପତି ପରମେଶ୍ୱର ପ୍ରଧାନ,କୋଷାଧକ୍ଷ ଅଶୋକ ବେହେରା, ଦିଲିପ ବେହେରା, କାଳୁ ଚରଣ ସାହୁ, ପୁଜକ ତଥା ନାଟ୍ୟକାର ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମର ଯୁବ ସଂଘର ସରୋଜ କୁମାର ସାହୁ, ବିନୋଦ ସାହୁ, ବିକ୍ରମ ନାୟକ, ଚିତ୍ତ ରଞ୍ଜନ ପ୍ରଧାନ, ରମାନନ୍ଦ ଚୌଧରୀ, କୁଳି ସଂଘର ସଭାପତି ରମା ଦେଉରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଶୁତୋଷ ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପୌରାଣିକ ନାଟକ 'କୁରୁକ୍ଷେତ୍ର' ଗଞ୍ଜାମ ଜିଲା କାଦପଡ଼ା କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହା ସୋମବାର ପର୍ଯ୍ୟନ୍ତ ଚାଲିବ ବୋଲି ପୁଜା କମିଟିର ସଭାପତି ଜିତେନ୍ଦ୍ର ସାହୁ କହିଛନ୍ତି।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ୨୦୦୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

**ସୋରଡ଼ା,୨୧।୧୦(ଡି.ଏନ୍.ଏ.)**

ଶଶିଭୂଷଣ ଉଚ୍ଚ ବିଦ୍ୟାଳୟର ୨୦୦୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ବଡ଼ କାଳୀ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟ ଅଧିକାରୀ, ପ୍ରଶାନ୍ତ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର, ବ୍ରହ୍ମପୁର, ଆସିକା, କଟକ, ବାଙ୍ଗାଲୋର ତଥା ରାଜ୍ୟର ବିଭିନ୍ନ କୋଣରୁ ବହୁ କାର୍ଯ୍ୟରତ ପୁରାତନ ଛାତ୍ରମାନେ ଯୋଗ ଦେଇଥିଲେ। ସାମୂହିକ ମିଳନ ସମାଜର ବିକଶିତ ଭାବନାର ପ୍ରତୀକ, ଆଗାମୀ ଯୁବପିଢ଼ିଙ୍କୁ ପ୍ରେରଣା ଦେବ ବୋଲି କୁହାଯାଇଥିଲା। ଏଥିରେ ପ୍ରିତି ରଞ୍ଜନ ସାହୁ, ପ୍ରଶାନ୍ତ ପାତ୍ର, ଦୀପକ ପତି, ଆଶିଷ ପାତ୍ରଙ୍କ ସମେତ ବହୁ ଛାତ୍ର ଯୋଗ ଦେଇଥିଲେ।

■ ମା' ଦୁର୍ଗାଙ୍କ ଭସାଣି ଉତ୍ସବ

# ଅସ୍ଥାୟୀ ଜଳକୁଣ୍ଡରେ ମୂର୍ତ୍ତି ବିସର୍ଜନ

**ବ୍ରହ୍ମପୁର ଅଫିସ, ୨୧।୧୦**

ବ୍ରହ୍ମପୁରରେ ଶେଷ ହୋଇଛି ଚଳିତ ବର୍ଷର ଦୁର୍ଗାପୂଜା ମହୋତ୍ସବ । ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା ମା' ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ । ମହାନଗରରେ ଥିବା ପୋଖରୀଗୁଡିକରେ ମୂର୍ତ୍ତି ବିସର୍ଜନ ନ କରିବା ପାଇଁ ପ୍ରଶାସନ, ବିଏମସି ଓ ପୋଲିସ ପକ୍ଷରୁ କୁହାଯାଇଥିଲା । ୪୦ରୁ ଉର୍ଦ୍ଧ୍ୱ ମୂର୍ତ୍ତି ବିସର୍ଜନ ଲାଗି ମହାନଗର ନିଗମ ପକ୍ଷରୁ ୪ ସ୍ଥାନ ଗୋଷାଣୀନୂଆଗାଁ , ଆମ୍ବପୁଆ, ଫାଷ୍ଟଗେଟ ନିକଟ ଓ ଅନ୍ଧପସରା ରୋଡ ପାର୍ଶ୍ୱରେ ଅସ୍ଥାୟୀ ଜଳକୁଣ୍ଡ କରାଯାଇଥିଲା। ମୂର୍ତ୍ତିସବୁ ଉକ୍ତ କୁଣ୍ଡଗୁଡିକରେ ବିସର୍ଜନ କରାଯାଇଥିଲା ।

ସୂଚନାଯୋଗ୍ୟ, ବହୁବର୍ଷ ତଳେ ବାରକାସ ପଡିଆ ତଥା ବର୍ତ୍ତମାନର ବ୍ରହ୍ମପୁର ଷ୍ଟାଡିୟମ ପରିସରରେ ଧୁମଧାମରେ ମେଳଣ ଉତ୍ସବ ଅନୁଷ୍ଠିତ ହେଉଥିଲା । ସମସ୍ତ ମେଢ ଶୋଭାଯାତ୍ରାରେ ସେଠାକୁ ଅଣାଯାଉଥିଲା । ହଜାର ହଜାର ମହିଳା ଓ ପୁରୁଷ ସେଠାରେ ଭିଡ ଜମାଉଥିଲେ । ବାରକାସ ପଡିଆରେ ଷ୍ଟାଡିୟମ ନିର୍ମାଣ ହେବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ପୁରୁଣା ବସଷ୍ଟାଣ୍ଡରେ ହେଉଥିଲା ମେଳଣ ଉତ୍ସବ । ତେବେ ସହରାଞ୍ଚଳରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବଂ ଟ୍ରାଫିକ ସମସ୍ୟା ଯୋଗୁଁ ପୁରୁଣାବସଷ୍ଟାଣ୍ଡରେ ଗତ କିଛି ବର୍ଷ ହେବ ମେଳଣ ମହୋତ୍ସବ ବନ୍ଦ କରାଯାଇଛି । ପ୍ରଶାସନ ଓ ବିଏମସିର ନିର୍ଦ୍ଦେଶ ପ୍ରକାରେ ପୂଜା ମଣ୍ଡପ ଗୁଡିକରୁ ମୂର୍ତ୍ତି ଉଠାଇ ସିଧା ପୋଖରୀକୁ ନିଆଯାଉଛି । ସେଠାରେ ପାରମ୍ପରିକ ରୀତିରେ ବିସର୍ଜନ କରାଯିବାର ବ୍ୟବସ୍ଥା କରାଯାଇଛି ।

ଅପରପକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ,ଓବର୍ତ୍ତମାନର ରାଜ୍ୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ସହଯୋଗରେ କିଛି ବର୍ଷତଳେ ଆରମ୍ଭ ହୋଇଥିଲା ରାବଣ ପୋଡି ମହୋତ୍ସବ । ବ୍ରହ୍ମପୁର ଷ୍ଟାଡିୟମ ପରିସରରେ ଜାକ ଜମକରେ ହେଉଥିଲା ରାବଣପୋଡି । ବିଜୟା ଦଶମୀ ସନ୍ଧ୍ୟାରୁ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଲୋକେ ଉପଭୋଗ କରୁଥିଲେ ଏହି ମହୋତ୍ସବ । ତାହା ମଧ୍ୟ ବନ୍ଦ ହୋଇଯାଇଛି । ତେଣୁ ରେଶମ ନଗରୀରେ ମଳିନ ପଡିଯାଇଛି ମା ଦୁର୍ଗାଙ୍କ ଭସଣୀ ଉତ୍ସବ। ପୂର୍ବରୁ ପ୍ରତ୍ୟେକ ମେଢ ଗୋପାଳପୁର ନିଆଯାଇ ସମୁଦ୍ରରେ ମୂର୍ତ୍ତି ବିସର୍ଜନ କରାଯାଉଥିଲା। । ପରିବେଶ ସୁରକ୍ଷା ଦୃଷ୍ଟିରୁ ତାହା ମଧ୍ୟ ନିଷେଧ କରାଯାଇଛି ।



ଅସ୍ଥାୟୀ ଜଳକୁଣ୍ଡରେ କ୍ରେନ ସାହାଯ୍ୟରେ ମା'ଙ୍କୁ ବିସର୍ଜନ କରାଯାଉଛି ।

# ୭ କୋଟି ଟଙ୍କାର ପ୍ରୋଜେକ୍ଟ କାମରେ ଆସୁନି

**ବେଗୁନିଆପଡ଼ା,୨୧।୧୦(ଡି.ଏନ.ଏ.)**

ସରକାରୀ କର୍ମଚାରୀଙ୍କ ଦକ୍ଷତା ଅଭାବରୁ ନିର୍ମିତ ପ୍ରକଳ୍ପଗୁଡ଼ିକ ଲୋକଙ୍କ କାମରେ ଆସୁନାହିଁ। ଏହିଭଳି ଘଟଣା ଘଟିଛି ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକରେ। ଏହି ବ୍ଲକର ସାଙ୍କୁଡ଼ା ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ ଷ୍ଟ୍ରେନଜ୍ ପ୍ରୋଜେକ୍ଟ। ସାଉଥକୋ ତରଫରୁ ବିଦ୍ୟୁତ୍ ଯୋଗାଣରେ ଅବ୍ୟବସ୍ଥା ଦୂର ପାଇଁ ୭ କୋଟି ଟଙ୍କା ବ୍ୟୟରେ ଏହି ପ୍ରୋଜେକ୍ଟ ନିର୍ମାଣ ହୋଇଛି। ବେଗୁନିଆପଡ଼ା ଷ୍ଟ୍ରକ୍ଟରରୁ ବିଦ୍ୟୁତ୍ ସପ୍ଲାଇ ହୋଇ ଏହି ଷ୍ଟ୍ରକ୍ଟରକୁ ଯିବ, ପ୍ରାୟ ୮ ପଞ୍ଚାୟତର ଗ୍ରାମବାସୀ ଉପକୃତ ହେବେ । ଏଥିସହ ଏହି ଷ୍ଟ୍ରକ୍ଟର ଅଧୀନରେ ଥିବା ବିଦ୍ୟୁତ୍ ସରବରାହ ଗ୍ରାମରେ କୌଣସି ଅସୁବିଧା ହେଲେ ତାର ପ୍ରଭାବ ବେଗୁନିଆପଡ଼ା ଷ୍ଟ୍ରକ୍ଟର ଅଞ୍ଚଳରେ ପଡ଼ିବ ନାହିଁ । କିନ୍ତୁ ତତ୍କାଳୀନ ସାଉଥକୋ କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଡିଓଙ୍କ ଦକ୍ଷତା ଅଭାବରୁ ଷ୍ଟ୍ରକ୍ଟର ନିର୍ମାଣ ହୋଇଛି ସତ କିନ୍ତୁ, ଏଠାରେ ଭକ୍ୟୁମ ସର୍କିଟ ବ୍ରେକର ଓ ଆଇସୁଲେଟର ସିଷ୍ଟମ ନାହିଁ। ଫଳରେ ବେଗୁନିଆପଡ଼ା ଷ୍ଟ୍ରକ୍ଟରରୁ ବିଦ୍ୟୁତ୍ ଏହା ମାଧ୍ୟମ ଦେଇ ଯାଇଥିଲେ ମଧ୍ୟ କଣ୍ଟ୍ରୋଲ କ୍ଷମତା ଏହାର ନାହିଁ, କିମ୍ବା ଏହି ଅଞ୍ଚଳରେ କୌଣସି ଅସୁବିଧା ହେଲେ ବେଗୁନିଆପଡ଼ା ଷ୍ଟ୍ରକ୍ଟର ଉପରେ ପ୍ରଭାବ ପଡ଼ିବ । ଫଳରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ମୂଲ୍ୟହୀନ ସଦୃଶ୍ୟ। ଏ ସମ୍ପର୍କରେ ଏସଡିଓ ସୁକାନ୍ତ କୁମାର ଜେଠଙ୍କୁ ପଚାରିବାରୁ କହିଥିଲେ, ତତ୍କାଳୀନ କର୍ମଚାରୀଙ୍କ ଅନଭିଜ୍ଞତା ଯୋଗୁ ଏହି ଭେକ୍ୟୁମ ସର୍କିଟ ବ୍ରେକର ଓ ଆଇସୁଲେଟର ଏଷ୍ଟିମେଟରେ ନାହିଁ । ଫଳରେ ଏପରି ଅବସ୍ଥା ଉପୁଜିଛି । ଏହାର ସମାଧାନ ପାଇଁ ମୁଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲେଖି ଜଣାଇଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଉତ୍ତର ଆସିନାହିଁ ।



ସାତକୋଟି ଟଙ୍କା ବିନିମୟରେ ନିର୍ମିତ ଷ୍ଟ୍ରକ୍ଟର।



## ସଂକ୍ଷେପରେ

### ୨୦ ଜୁଆଡ଼ି ଗିରଫ, ୧୩,୮୮୦ଟଙ୍କା ଜବତ

ଦିଗପହଣ୍ଡି/ପାଟପୁର,୨୧।୧୦ (ଡି.ଏନ୍.ଏ.): ଦିଗପହଣ୍ଡି ପୋଲିସ ଅନନ୍ତେଇ ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେଠାରୁ ୩ହଜାର ୭୦୦, ତାସମୁଠା ଓ ଜରିପାଲ ଜବତ ସହ ନଂ.୧୮୫/୧୮ରେ ମାମଲା ରୁଜୁ କରାଯାଇଛି। ସେହିପରି ରବିବାର ସକାଳେ ରାମଚନ୍ଦ୍ରପୁର ଗ୍ରାମରେ ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିବା ସହ ୨ହଜାର ୨୦୦ ଟଙ୍କା ଜବତ କରିଛି। ଏନେଇ ନଂ.୧୮୬/୧୮ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ଦେବାଶିଷ ମହାନ୍ତି କହିଛନ୍ତି। ଅନ୍ୟପଟେ ପାଟପୁର ପୋଲିସ ପକ୍ଷରୁ ଜୁଆ ଖେଳ ବିରୋଧରେ ଚଢ଼ାଉ ଧରପଗଡ଼କୁ ଜୋରଦାର କରାଯାଇଛି। ଜିଉରା ଗ୍ରାମ ରତ୍ନେଶ୍ୱରୀ ମନ୍ଦିରରେ ଚାଲିଥିବା ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ ସହ ୪ ହଜାର ୧୩୦ ଟଙ୍କା ଜବତ କରିଛି। ଜୟନଗର ଗ୍ରାମର ଜୁଆ ଆଡ୍ଡାରୁ ୪ ଜୁଆଡିଙ୍କଠାରୁ ୨ ହଜାର ୬୩୦ ଟଙ୍କା ଏବଂ ଡେଙ୍ଗାଡି ଗ୍ରାମର ଜୁଆଆଡ୍ଡାରୁ ୪ ଜଣଙ୍କଠାରୁ ୧ହଜାର ୨୨୦ ଟଙ୍କା ଜବତ କରାଯାଇଛି। ପାଟପୁର ଥାନା ନଂ.୧୯୩/୧୮,୧୯୪/୧୮ ଏବଂ ୧୯୫/୧୮ରେ ପୃଥକ ପୃଥକ ମାମଲା ରୁଜୁ କରାଯାଇଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି।

### ନୂଆପଡ଼ା ଗ୍ରାମରେ ଅଗ୍ନିକାଣ୍ଡ, ୨ ପରିବାର କ୍ଷତିଗ୍ରସ୍ତ

ଚିକିଟି,୨୧।୧୦(ଡି.ଏନ୍.ଏ.): ଚିକିଟି ବ୍ଲକ ବି.ନୂଆପଡ଼ା ଗ୍ରାମରେ ରବିବାର ସକାଳ ଅଗ୍ନିକାଣ୍ଡ ଘଟି ୨ ପରିବାରର ୨ ବଖରା ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଏଥିରେ ଓଲ୍ ବୁନା, ଏନ୍ ଭାଲୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଘରେ ଥିବା ଆସବାବ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମବାସୀ ସଙ୍ଗେ ସଙ୍ଗେ ଚକିଟି ଓ ଦିଗପହଣ୍ଡି ଦମକଳବାହିନିକୁ ଜଣାଇଥିଲେ କିନ୍ତୁ ନ ଆସିବାରୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଭାଜପା ବରିଷ୍ଠ ନେତା ପ୍ରଶାନ୍ତ ଜାହ୍ନି ଦାବି କରିଛନ୍ତି।

### ଭାଜପା ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା



ପାତ୍ରପୁର,୨୧।୧୦(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ବାତ୍ୟା ପ୍ରଭାବିତ ତୁମ୍ବା ଓ ବୁରାତାଲ ପଞ୍ଚାୟତର କିଛି ଗ୍ରାମରେ ଭାଜପା ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଓ ରିଲିଫ ପ୍ରଦାନ କରାଯାଇଛି। ଭାଜପା ରଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟନାଥ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବନ୍ୟା, ବାତ୍ୟାଗ୍ରସ୍ତ ଅଞ୍ଚଳକୁ ଯାଇ କ୍ଷତିଗ୍ରସ୍ତ ପରିବାରକୁ ଚାଉଳ, ଚୁଡ଼ା, ପାଲ, କମ୍ବଳ, ଚିନି, ବିସ୍କୁଟ ବଣ୍ଟନ କରିଥିବାବେଳେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ବିଭିନ୍ନ ଦୁର୍ଗମ ଅଞ୍ଚଳର ଗାଁ ଗୁଡ଼ିକରେ ବାସ କରୁଥିବା ଜନସାଧାରଣ ମାନେ ଏଥିରେ ଯୋଗଦେଇଥିଲେ। ସୁବାସ ଚନ୍ଦ୍ର ବକ୍ସି, ରଘୁନାଥ ପ୍ରଧାନ, ଉମାକାନ୍ତ ପାଣିଗ୍ରାହୀ, ଜୁର ପ୍ରଧାନ, ପ୍ରୋମଦ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ବନ୍ୟା ଅଞ୍ଚଳରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର



ଧରାକୋଟ,୨୧।୧୦(ଡି.ଏନ୍.ଏ.): ଧରାକୋଟ ବ୍ଲକ ସୁନ୍ଦରାପଲ୍ଲୀ ଓ ସୁନାମୋହୀ ଗ୍ରାମରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ରବୀନ୍ଦ୍ର କୁମାର ତ୍ରିପାଠୀ, ତହସିଲଦାର ଗଦାଧର ପାତ୍ର, ସିଡିପିଓ ସରୋଜ ବାଳା ଆଚାର୍ଯ୍ୟ, ମୁଖ୍ୟ ଚିକିତ୍ସା ଅଧିକାରୀ ଡିଆର୍ଏମ୍ଭିକେ ଅଶୋକ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁରର ଏକ ଡାକ୍ତରୀ ଦଳ ୨ ଶିବିରରେ ୬୬୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ ରାମଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ମୋବାଇଲ ଭ୍ୟାନ୍ ମାଧ୍ୟମରେ ବ୍ଲକର ଦୁର୍ଗମ ଅଞ୍ଚଳକୁ ସେବା ଯୋଗାଇ ଦିଆଯିବ ବୋଲି ଭାଜପା ନେତା ବିଜୟ ସ୍ୱାଇଁ କହିଛନ୍ତି।

# ଜିଲାସ୍ତରୀୟ ପୋଲିସ ଶହୀଦ ଦିବସ

ଛତ୍ରପୁର,୨୧।୧୦(ଡି.ଏନ.ଏ)



ଶହୀଦ ସ୍ମୃତି ସ୍ତମ୍ଭରେ ଏସ୍‌ପି ମାଲ୍ୟାର୍ପଣ କରୁଛନ୍ତି।

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ରବିବାର ଛତ୍ରପୁର ଠାରେ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛତ୍ରପୁରସ୍ଥିତ ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତ୍ତା ପାଠ କରିଥିଲେ। ପରେ ଅନୁଷ୍ଠିତ ପରେଡରେ ଏସପି ଅଭିବାଦନ ଗ୍ରହଣ କରିଥିଲେ । ଭାରତରେ ଚଳିତ ବର୍ଷ ଶହୀଦ ହୋଇଥିବା ୪୧୪ ଶହୀଦଙ୍କ ନାଁ ଏସପି ପାଠ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ ଜିଲାପାଳ ବିଜୟ ଦାଶ, ଛତ୍ରପୁର ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ ଉଦୟ କୁମାର ରଥ, ଅତିରିକ୍ତ ଏସପି ପ୍ରଦୀପ କୁମାର ମହାପାତ୍ର, ଡିଏସପି ଦିଲୀପ ଦାଶ ଓ କେଶବ ଚନ୍ଦ୍ର ବେହେରା, ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜିତେନ୍ଦ୍ର ହେହୁରୀ, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ଭାରପ୍ରାପ୍ତ ତହସିଲଦାର ଶରତ ପାତ୍ର, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ସୌଭାଗ୍ୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏସପିଙ୍କ ସମେତ ଅନ୍ୟମାନେ ଶହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ଏସପି ରଏ ନିଜ ଅଭିଭାଷଣରେ କହିଥିଲେ ଯେ, ଦେଶ ମାତୃକାର ସୁରକ୍ଷା ପାଇଁ ପୋଲିସ ନିଜ ଜୀବନ ଦେବାକୁ ପଛାଉନି। ୧୯୫୯ ମସିହାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର ୨୦ ଜଣ ଯବାନ ଇଣ୍ଡୋ ତିବତିଆନ ସୀମାରେଖାରେ ପାଟ୍ରୋଲିଂ କରୁଥିବା ବେଳେ ଚୀନ ସେନା ଆକ୍ରମଣରେ ୧୦ ଜଣ ଶହୀଦ ହୋଇଥିଲେ। ସେହି ବର୍ଷଠାରୁ ପୋଲିସ ବିଭାଗରେ କାର୍ଯ୍ୟରତ ଥିବା ଅବସ୍ଥାରେ ସାଧାରଣ ଜନତାଙ୍କ ସୁରକ୍ଷା ଓ ସେବାରେ ସମ୍ପୃକ୍ତ ଥାଇ ଦେଶ ଓ ରାଜ୍ୟ ପାଇଁ ଶହୀଦ ହେଉଥିବା ପୋଲିସ କର୍ମଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଛତ୍ରପୁର ଥାନା ଆଇଆଇସି ପ୍ରିୟଶ ରଂଜନ ଛୋଟରାୟ, ଗଞ୍ଜାମ ଥାନା ଆଇଆଇସି ଅନିଲ କୁମାର ମହାନ୍ତି, ମେରାଇନ ଥାନା ଆଇଆଇସି ବୈଦେହୀ ବେହେରା, ରିଜର୍ଭ ଇନ୍ସପେକ୍ଟର ସୁବଳ ସୋରେନ୍, ସର୍ଜନ ବିଘ୍ନେଶ୍ୱର ରାଓ, ସବ୍ୟସାଚୀ ମଲ୍ଲ, ଏସଆଇ ଭାଗ୍ୟଶ୍ରୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଛତ୍ରପୁର ଟାଇକୋଣ୍ଡୋ ଆସୋସିଏସନ ପକ୍ଷରୁ ଟାଏକୋଣ୍ଡୋ, ବାଉଁଶଲୁଣ୍ଠି ନୃତ୍ୟାଙ୍ଗ ସଙ୍ଗୀତ ଅନୁଷ୍ଠାନ, ପୋଲିସ ବ୍ୟାଣ୍ଡ, ଗଞ୍ଜାମ ପୋଲିସ ବାହିନୀ (ସୁଧାଂଶୁ ଶେଖର ଶତପଥିଙ୍କ ନିର୍ଦ୍ଦେଶନାରେ) ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ନଷ୍ଟ ହୋଇଥିବା ପ୍ରକଳ୍ପ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉ: ଚିନ୍ତାମଣି

ପାତ୍ରପୁର,୨୧।୧୦(ଡି.ଏନ୍.ଏ.)

ତିତ୍‌ଲି ବାତ୍ୟା ଓ ବନ୍ୟାରେ ପାତ୍ରପୁର ବ୍ଲକର ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ଆଦିବାସୀ ମାନେ ବେସାହାରା ହୋଇ ସାରିଛନ୍ତି। ଏନେଇ ପ୍ରଶାସନର ତତ୍ପରତା କେବଳ ପାହାଡ଼ ତଳେ ସୀମିତ ରହୁଥିବା ବେଳେ ପାହାଡ଼ ଉପରେ ରୁହୁଥିବା ଆଦିବାସୀ ମାନଙ୍କ ପାଖରେ ଏଯାଏ ପ୍ରଶାସନ ପହଞ୍ଚି ନାହିଁ। ମହେନ୍ଦ୍ର ଗିରି ଶିଖରରେ ପ୍ରବଳ ବର୍ଷା ହେବା ଫଳରେ ଉଭୟ ପାତ୍ରପୁର ଏବଂ ଚିକିଟି ବ୍ଲକର ବହୁ ଗ୍ରାମରେ ବନ୍ୟା ହୋଇଥିଲା। ଫଳରେ ପାତ୍ରପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ବୁରାତାଲ, ତୁମ୍ବା, ଆଙ୍କୁଲି ପଞ୍ଚାୟତର ୯୦୦ ରୁ ଉର୍ଦ୍ଧ୍ୱ ପରିବାର ବାସଚ୍ୟୁତ ହୋଇଥିଲେ। ୧୨ ତାରିଖରେ ବନ୍ୟାପରେ ୧୫ ତାରିଖ ଯାଏ ପ୍ରଶାସନ ସେମାନଙ୍କ ପାଖରେ ପହଞ୍ଚି ପାରି ନ ଥିବା ଲଜ୍ଜାଜନକ ବିଷୟ ବୋଲି ଓଡ଼ିଶା ବିଧାନ ସଭାର ପୂର୍ବତନ ବାଚସ୍ପତି ଚିନ୍ତାମଣୀ ଦ୍ୟାନ ସାମନ୍ତରା ଅଭିଯୋଗ କରିଛନ୍ତି। ପାହାଡ ଉପରେ ଥିବା ଲୋକଙ୍କୁ ସୂଚନା ଦେବା ଓ ସ୍ଥାନାନ୍ତର କରିବାରେ ପ୍ରଶାସନ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି। ତୁମ୍ବା ଅଞ୍ଚଳରେ ଥିବା ସରକାରଙ୍କ ସଂରକ୍ଷିତ ଜଙ୍ଗଲ ଧ୍ୱଂସ ହୋଇଯାଇଛି। ଫଳରେ ଏହା ଉପରେ ଜୀବିକା ନିର୍ବାହ ପାଇଁ ନିର୍ଭର କରୁଥିବା ଆଦିବାସୀ ଏବେ ଚିନ୍ତାରେ। ପାତ୍ରପୁର ବ୍ଲକରେ ୯ ଜଣ ପ୍ରାଣ ହରାଇଛନ୍ତି । ସେମାନଙ୍କୁ ପ୍ରଶାସନ ସହାୟତା ପ୍ରଦାନ କରୁ ବୋଲି ସାମନ୍ତରା ଦାବି କରିଛନ୍ତି । କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ସେ କହିଛନ୍ତି ପୁରିଆସାହି ପ୍ରକଳ୍ପ ମୋର ମାନସ ପଟ୍ଟଳ ଥିଲା, ଯାହାକି ମତେ କରିବାକୁ ୪୦ ବର୍ଷ ସମୟ ଲାଗି ଯାଇଥିଲା। ସ୍ଥାନୀୟ ପ୍ରଶାସନ ଏବଂ ବିଧାୟିକାଙ୍କ ଗୁରୁତ୍ୱହୀନ ଏବଂ ରକ୍ଷଣାବେକ୍ଷଣ ଅଭାବରୁ ତାହା ଆଜି ବନ୍ୟାରେ ଧ୍ୱଂସ ହୋଇ ଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ କାମ ସାରିବାକୁ ସେ ଦାବି କରିଛନ୍ତି । ବନ୍ୟାରେ କ୍ଷତିଗ୍ରସ୍ତ ସମସ୍ତ ପରିବାର ପାଖରେ ପ୍ରଶାସନ ପହଞ୍ଚିବା ସହ ସମସ୍ତ ପ୍ରକଳ୍ପ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ସେ ଦାବି କରିଛନ୍ତି।

## ଠାକୁରାଣୀ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ଦିଗପହଣ୍ଡି,୨୧।୧୦(ଡି.ଏନ୍.ଏ.)




ଯାତ୍ରାପୀଠରେ ମା’ ବୁଢ଼ୀ ଠାକୁରାଣୀ

- ମା’ଘରେ ପୂଜାପାଇଲେ ବୁଢ଼ୀ ଠାକୁରାଣୀ
- ଖିରି, କାକରା ଖାଇଲେ
- ଭଉଣୀ ଫୁଲ ସୁନ୍ଦରୀଙ୍କୁ ଭେଟ ହେଲେ

ଦିଗପହଣ୍ଡି ସହରର ପାରମ୍ପରିକ ମା’ ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ରବିବାର ୬ଷ୍ଠ ଦିବସ ବିତିଛି। ସନ୍ଧ୍ୟାରେ ଅସ୍ଥାୟୀ ଯାତ୍ରାପୀଠରେ ସହର ସମେତ ଆଖପାଖ ଗ୍ରାମର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ମୁଖ୍ୟ ପୁରୋହିତ ସନାତନ ରଥ ଓ ସେବାୟତ ଆଦିତ୍ୟ ପାତ୍ର ନୀତି ଅନୁସାରେ ମା’ଙ୍କୁ ଓ ସହସ୍ର ପରିମିତି ସନ୍ଧ୍ୟା ଆଳତି କରିଥିଲେ। ମା’ଙ୍କ ମଥାରୁ ଆଜ୍ଞାମାଳା ଖସିବାପରେ ମୁଖ୍ୟଘଟକୁ ଶୋଭାଯାତ୍ରାର ଅଗ୍ରଭାଗକୁ ଅଣାଯାଇଥିଲା। ପାର୍ଶ୍ୱଘଟଧାରୀ ମହିଳାମାନେ ମା’ଙ୍କ ଅନୁମତି ନେଇ ମସ୍ତକକୁ ଘଟ ଉଠାଇଥିଲେ। ପରେ ଠାକୁରାଣୀ ଝୁଲି ଝୁଲି ଯାତ୍ରାପୀଠରୁ ବାହାରି ଜନତାଲେନ୍, ଧୋବାସାହି, ଆଠଗଡ଼ିଆସାହି, ଶାସନସାହିରେ ପହଞ୍ଚିଥିଲେ। ଘଟ ଶୋଭାଯାତ୍ରା ସହରର ସର୍ବ ପୁରାତନ ଗଡ଼ଚୈତନ୍ୟପୁର ଶାସନସାହି ଦୁର୍ଗାପୂଜା କମିଟି ପକ୍ଷରୁ ମା’ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଦୁର୍ଗାମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା’ ସାଆନ୍ତାଣୀ ଚିକିଟିଆ ସାହିରେ ରହୁଥିବା ସେବାୟତ ପରିବାରଙ୍କ ଘରେ ପହଞ୍ଚିଥିଲେ। ଶାଶୁଘରୁ ମା’ଘରକୁ ବୁଲି ଆସିଥିବା ବୁଢ଼ୀ ଠାକୁରାଣୀଙ୍କୁ ସେବାୟତ ପରିବାର ସଦସ୍ୟଙ୍କ ପକ୍ଷରୁ ଖିରି, କାକରା, ପିଠା, ପଣା ଭୋଗ ଲଗାଇଥିଲେ। ସାହି ମଧ୍ୟରେ ପୂଜା ପାଉଥିବା ମା’ ଫୁଲସୁନ୍ଦରୀଙ୍କ ସହ ମା’ ବୁଢ଼ୀ ଠାକୁରାଣୀଙ୍କ ଭେଟ ଘାଟ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ପ୍ରତ୍ୟେକ ସାହି ଆଲୋକମାଳାରେ ଝଲସୁଛି। ରାମଦୋଳି ସହ ଅସ୍ଥାୟୀ ବଜାର ଯାତ୍ରାକୁ ରସାଳ କରିଛି।

### ବଧୂହତ୍ୟା ମାମଲା, ଶ୍ୱଶୁର ଗିରଫ

ଛତ୍ରପୁର,୨୧।୧୦(ଡି.ଏନ.ଏ)

ଛତ୍ରପୁର ଥାନା ବଡମାଧପୁରରେ ଦମୟନ୍ତୀ ରେଡ୍ଡୀଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ପୋଡି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ରବିବାର ଶ୍ୱଶୁରଙ୍କୁ ଗିରଫ କରିଛି। ସେ ହେଲେ ବଡମାଧପୁର ଗାଁର ପି. ସମ୍ବାରିଆ ରେଡ୍ଡୀ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ଦମୟନ୍ତୀଙ୍କ ସ୍ୱାମୀ ଦିଲୁ ରେଡ୍ଡୀଙ୍କୁ ପୋଲିସ ଗିରଫ କରିଥିଲା । ଜୁନ୍ ୨୫ ତାରିଖରେ ଝିଅକୁ ତା’ର ଶ୍ୱଶୁର ଘର ଲୋକ ପୋଡି ମାରିଥିବା ନେଇ ଦମୟନ୍ତୀଙ୍କ ବାପା ତଥା ପୁରୁଷୋତ୍ତମପୁର ଥାନା ଗୋଠିଆଳି ଗାଁର ଏସ୍. ହରିକୃଷ୍ଣ ରେଡ୍ଡୀ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ଏକ ମାମଲା (ନଂ.୭୭/୧୮) ରୁଜୁ କରାଯାଇଥିଲା । ସୂଚନଯୋଗ୍ୟ, ଫେବୃୟାରୀ ୧୨ ତାରିଖରେ ଦିଲୁଙ୍କ ସହ ଦମୟନ୍ତୀଙ୍କର ବିବାହ ହୋଇଥିଲା ।

### ମୃତ ଛାତ୍ରଙ୍କ ପରିବାରକୁ ସହାୟତା

ଆସିକା,୨୧।୧୦(ଡି.ଏନ୍.ଏ.)

ଆସିକା ବ୍ଲକ ଧୋବାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ସେପ୍ଟମ୍ବର ୨୯ରେ ଜଣେ ସପ୍ତମ ଶ୍ରେଣୀ ଦିବ୍ୟାଙ୍ଗ ଛାତ୍ର ରାହୁଲ୍ ପ୍ରଧାନଙ୍କର ମୃତ୍ୟୁ ଘଟିଥିଲା। ଶନିବାର ଜିଲା ଗୁରୁଛାତ୍ର କଲ୍ୟାଣ ପାଣ୍ଠି ପକ୍ଷରୁ ମୃତ ଛାତ୍ରଙ୍କ ପରିବାରକୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏବିଇଓ ଭାଗିରଥି ପାତ୍ର, ସିଆର୍‌ସିସି ବିଚିତ୍ର ବିହାରୀ ଦାସ ଛାତ୍ରଙ୍କ ଘରେ ପହଞ୍ଚି ପ୍ରଧାନ ଶିକ୍ଷକ ସୁନିଲ୍ କୁମାର ମହାନ୍ତିଙ୍କ ଉପସ୍ଥିତିରେ ମୃତ ଛାତ୍ରଙ୍କ ପରିବାରକୁ ଏହି ସହାୟତା ପ୍ରଦାନ କରିଥିଲେ। ଛାତ୍ରଜଣକ ଶ୍ରେଣୀ କକ୍ଷରେ ବସିଥିବା ବେଳେ ହଠାତ୍ ଟଳିପଡି ମୃତ୍ୟୁବରଣ କରିଥିଲେ।

## ଶିକ୍ଷାଗ୍ରହଣ ପାଇଁ ସଚେତନତା

କୁକୁଡ଼ାଖଣ୍ଡି,୨୧।୧୦(ଡି.ଏନ୍.ଏ.)

କୁକୁଡ଼ାଖଣ୍ଡି ବ୍ଲକ ଲାଞ୍ଜିଆ ପଞ୍ଚାୟତ ବିରବାଡ଼ିଆ ଗ୍ରାମରେ ଶିକ୍ଷା ଗ୍ରହଣ ପାଇଁ ଏକ ସଚେତନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଏସ୍ ଗିରିଧର ମୁଖ୍ୟ ଅତିଥି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁଚରଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେବା ସହ ବହୁ ଅଭିଭାବକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଉକ୍ତ ଗ୍ରାମରେ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏହାର ଆୟୋଜନ କରିଥିଲେ। ଶିକ୍ଷିତ ନାରୀଟିଏ ନିଜ ପରିବାର ତଥା ସମାଜ ପାଇଁ ବରଦାନ ସଦୃଶ ବୋଲି ଏସ୍.ଗିରିଧର କହିଛନ୍ତି। ଶିକ୍ଷା କ୍ଷେତ୍ରରେ ନାରୀର ଭୂମିକା ସମ୍ପର୍କରେ ପାତ୍ର କହିବା ସହ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ଆଣିବା ଲାଗି ଉପଦେଶ ଦେବା ସହ ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବିଇଓ ବୁଲି ଦେଖିଲେ ବିଭିନ୍ନ ବିଦ୍ୟାଳୟ ଆଶ୍ରୟସ୍ଥଳୀ

ଆସିକା,୨୧।୧୦(ଡି.ଏନ୍.ଏ.)

ଆସିକା ସହରରେ ଘଟି ଯାଇଥିବା ତିତ୍‌ଲି ଜନିତ ବନ୍ୟା ବିପ୍ଳାତରେ ସହରର ତଳିଆ ଅଞ୍ଚଳର ପ୍ରାୟ ୭ଶହ ପରିବାର ଆସିକା ସହରର ବିଭିନ୍ନ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ଆସନ୍ତା ୨୫ ତାରିଖରେ ବିଦ୍ୟାଳୟ ସବୁ ପୂଜା ଅବକାଶ ପରେ ଖୋଲିବାର ଦିନ ଧାର୍ଯ୍ୟ ହୋଇଥିଲା ବେଳେ ରବିବାର ଆସିକା ବିଇଓ କୃତିବାସ ବାରିକ ଓ ସିଆର୍‌ସିସି ବିଚିତ୍ର ବିହାରୀ ଦାସ ବିଭିନ୍ନ ବିଦ୍ୟାଳୟ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ହରିହର ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ପ୍ରାୟ ୨୫୦ ପରିବାର ସମ୍ପୃକ୍ତ ବିଦ୍ୟାଳୟ ଛାଡି ନିଜ ଭିଟାମାଟିକୁ ଫେରିଥିଲା ବେଳେ ସୁନାମ୍ଭ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣ୍ଡପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଓ ଏକ୍ସବୋର୍ଡ ପ୍ରକଳ୍ପ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଦ୍ୟାବଧି ବହୁ ପରିବାର ରହିଥିବା ଲକ୍ଷ୍ୟ କରାଯାଇଥିଲା। ସମ୍ପୃକ୍ତ ପରିବାରଙ୍କୁ ପରିସ୍ଥିତି ସ୍ୱାଭାବିକ ଥିଲେ ସେମାନଙ୍କ ବାସସ୍ଥାନକୁ ଫେରିବାକୁ ପରାମର୍ଶ ଦିଆଯାଇଥିଲା ବେଳେ ପୁରା ଘର ଭାଙ୍ଗିଯାଇଥିବା ସମ୍ପର୍କରେ ପ୍ରକାଶ କରିଥିବା କେତେକ ପରିବାରକୁ ବିଦ୍ୟାଳୟରେ ଆଶ୍ରୟ ଲାଗି ବିକଳ୍ପ ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି।

## ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ବୁଗୁଡ଼ା ଗସ୍ତ

ବୁଗୁଡ଼ା,୨୧।୧୦(ଡି.ଏନ.ଏ.)

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ ଶୁକ୍ରବାର ବୁଗୁଡ଼ା ବନାଞ୍ଚଳ ଗସ୍ତ କରିଛନ୍ତି । ସେ କରଚୁଲି ସଂରକ୍ଷିତ ଜଙ୍ଗଲରେ ୨୦୧୬-୧୭ରେ ପ୍ଲାଣ୍ଟେଶନ୍ ହୋଇଥିବା ଜଙ୍ଗଲ ପରିଦର୍ଶନ କରିଥିଲେ। ଏଥିସହ ସେ ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକଙ୍କ ସହ କଥାବାର୍ତ୍ତା ହୋଇ ବୁଗୁଡ଼ା ବନାଞ୍ଚଳରେ ତିତ୍‌ଲି ପ୍ରଭାବରେ ୫ଟି ଜଙ୍ଗଲ ଓ ସଡ଼କ ଖରାପ ହୋଇଥିବା ଏବଂ ଠଣାପଲ୍ଲୀ ବିଟ ହାଉସର ଛାତ ଉଡ଼ିଯାଇଥିବା ବିଷୟ ଜାଣିବାକୁ ପାଇଥିଲେ । ଏଥିରେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଶାନ୍ତ ପଣ୍ଡା, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ରାମସ୍ୱାମୀ ପି, ଏସିଏଫ୍ ବିଭୂତି ଭୂଷଣ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜଙ୍ଗଲର ଯତ୍ନବାନ ଉପରେ ସଂରକ୍ଷକ ସମସ୍ତ ବନ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ ।

## ଗଙ୍ଗାଦେବୀ ଯାତ୍ରା

ଗଞ୍ଜାମ,୨୧।୧୦(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ମୁହାଣରେ ଅବସ୍ଥିତ ମା’ ଗଙ୍ଗାଦେବୀଙ୍କ ଯାତ୍ରା ଶନିବାର ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ମଧ୍ୟ ଗଞ୍ଜାମ ସହରରେ ଥିବା ଅନ୍ୟଠାକୁର ତଥା ବରପଲ୍ଲୀର ପୁଡୁଗେଶ୍ୱର, ବାବା ଖଣ୍ଡେଶ୍ୱର ଏବଂ ମା’ ଗଙ୍ଗାଦେବୀ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଦାମୋଦରପୁର ଋଷିକୁଲ୍ୟା ନଦୀରେ ସ୍ନାନ କରିଥିଲେ । ପରେ ତ୍ରିବେଣୀ ମଠ ଛକରେ ଠାକୁର ଓ ଠାକୁରାଣୀଙ୍କ ମିଳନ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଯାତ୍ରା ବିଜୟା ଦଶମୀଠାରୁ ଆରମ୍ଭ ହୋଇ ଦ୍ୱାଦଶୀରେ ସମ୍ପୂର୍ଣ୍ଣ ହୋଇଥାଏ । ମିଳନ ସ୍ଥାନରେ ବିଭିନ୍ନ ସାହି ତଥା ସ୍ଥାନୀୟ ଅଞ୍ଚଳର ଶତାଧିକ ଭକ୍ତ ଠାକୁର ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ପରେ ଗଙ୍ଗାଦେବୀ ପୀଠରେ ଭାରତ ଲୀଳା ଓ ରାମାୟଣ ନାଟକ ପରିବେଷଣ ହୋଇଥିଲା। ଖଣ୍ଡେଶ୍ୱର ଠାକୁରଙ୍କୁ ଚଳିତ ବର୍ଷ ପୁଇଁତେଳା ବଡ଼ ସାହି ନିଜ ଗ୍ରାମକୁ ଆଣି ରାତ୍ରଭୋଗ ପରେ ନିଜ ଦେଉଳକୁ ଠାକୁରଙ୍କୁ ନିଆଯାଇଥିଲା । ଏଥିରେ ପୁରୁଣାବନ୍ଧ ଗ୍ରାମ୍ୟ କମିଟି ସଭାପତି ଘନଶ୍ୟାମ ବେହେରା, କୃଷ୍ଣ ବେହେରା, ଉପେନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି ।



ଠାକୁର ଶୋଭାଯାତ୍ରାରେ ଯାଉଛନ୍ତି।

## ଶହୀଦ ସଞ୍ଜୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭଞ୍ଜନଗର,୨୧।୧୦(ଡି.ଏନ.ଏ.)

ଶହୀଦ୍ ଯବାନ ଓ ପୋଲିସ କର୍ମଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅକ୍ଟୋବର ୨୧ ତାରିଖକୁ ପୋଲିସ ଶହୀଦ୍ ଦିବସ ଭାବେ ପାଳନ କରାଯାଉଛି। ଶହୀଦ ଏସ୍‌ଓଜି ଯବାନ ସଞ୍ଜୟ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ରବିବାର ସେ ପଢୁଥିବା ହାଇସ୍କୁଲରେ ଭଞ୍ଜନଗର ଉପଖଣ୍ଡ ପୋଲିସ ପକ୍ଷରୁ ସ୍ମୃତିସଭା ହୋଇଥିଲା। ସେହିଭଳି ସିଆରପିଏଫ୍ ୧୨୭ ବାଟାଲିୟନ ଭଞ୍ଜନଗର ପକ୍ଷରୁ ସ୍ଥାନୀୟ କ୍ୟାମ୍ପରେ ଶହୀଦ୍ ଗୋବିନ୍ଦ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶହୀଦ୍ ଦିବସ ପାଳିତ ହୋଇଯାଇଛି। ଭଞ୍ଜନଗର ବ୍ଲକ ଜିଲୁଣ୍ଡି ହାଇସ୍କୁଲରେ ଶହୀଦ୍ ସଞ୍ଜୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ସ୍ମୃତିସଭା ହୋଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦ୍ ସଞ୍ଜୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ।



ଶହୀଦ ସଞ୍ଜୟଙ୍କ ପ୍ରତିମୂର୍ତ୍ତି।



ଜିଲୁଣ୍ଡିରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

### ଶହୀଦ ସୁବାସ, ଗୋବିନ୍ଦଙ୍କ ସ୍ମୃତିସଭା

ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ସିଆରପିଏଫ୍ କ୍ୟାମ୍ପରେ ଅନୁଷ୍ଠିତ ସ୍ମୃତି ସଭାରେ କମାଣ୍ଡିଙ୍ଗ୍ ଅଫିସର ଜି.କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୌଦ୍ଧ ଜିଲା ତେତଲିଙ୍ଗା ଗ୍ରାମର ଶହୀଦ୍ ଜବାନ ଗୋବିନ୍ଦ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ଜିଲୁଣ୍ଡିର ସଞ୍ଜୟ ୨୦୧୦ ଏପ୍ରିଲ ୪ରେ କୋରାପୁଟ ଜିଲା ବୈପାରୀଗୁଡ଼ା ଥାନା ମନ୍ତ୍ରୀଆମ୍ବା ଜଙ୍ଗଲରେ କୋମ୍ବିଂ ବେଳେ ମାଓବାଦୀଙ୍କ ଦ୍ୱାରା ବିଛା ଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଶହୀଦ୍ ହୋଇଥିଲେ। ସେହିଭଳି ବଉଦ ଜିଲା ତେତେଲିଙ୍ଗା ଗ୍ରାମର ସିଆରପିଏଫ୍ ଯବାନ ଗୋବିନ୍ଦ ପ୍ରଧାନ ୨୦୧୦ ମସିହା ଜୁନ୍ ମାସ ୨୯ ତାରିଖରେ ନକ୍ସଲମାନଙ୍କ ଆକ୍ରମଣରେ ଶହୀଦ ହୋଇଥିଲେ। ସହିଦ ସୁବାସ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାରସିଂ ଥାନା ଅନ୍ତର୍ଗତ କ୍ଷେତମୁଣ୍ଡୁଳି ହାଇସ୍କୁଲରେ ସିଆଇଏସ୍‌ଏଫ ପକ୍ଷରୁ ଏକ ସ୍ମୃତି ସଭା ହୋଇଥିଲା। ଏଥିରେ ସିଆଇଏସ୍‌ଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏମ୍ କେ ଦାଶ, ଇନ୍ସପେକ୍ଟର ବି କେ ପ୍ରଧାନ, ସରପଞ୍ଚ ନୀଳାଞ୍ଚଳ ଖିଲାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ : ଅଭିଯୁକ୍ତ ଅଟକ

ଆସିକା,୨୧।୧୦(ଡି.ଏନ୍.ଏ.): ଆସିକା ଥାନା ଇଲାକାରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ମହିଳା ଜଣକ ନିଜ ଘରେ ଥିବା ବେଳେ ଜଣେ ପଡୋଶୀ ତାଙ୍କୁ ଖୁଦ ଦେବା ପାଇଁ ଘରକୁ ଡାକି ଅସଦାଚରଣ କରିବା ସହ ତାଙ୍କର ନଗ୍ନ ଫଟୋ ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି। ଏପରିକି ଅଭିଯୁକ୍ତ ଜଣକ ଫଟୋ ଲାଗି ତାଙ୍କୁ ୫ହଜାର ଟଙ୍କା ଅର୍ଥ ଦାବି କରିବା ସହ ଜୀବନରୁ ମାରିଦେବା ପାଇଁ ମଧ ଧମକ ଦେଇଥିବା ମହିଳା ଜଣକ ଅଭିଯୋଗରେ ଦର୍ଶାଇଛନ୍ତି। ରବିବାର ଆସିକା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଭାରତୀୟ ଦଣ୍ଡବିଧି ଆଇନ ଦଫା. ୩୭୬ (୧), ୩୫୪ (ସି), ୩୮୭ ଓ ୫୦୬ ରେ ଆସିକା ଥାନାରେ ନଂ.୩୨୫/୧୮ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଅଟକ ରଖି ମାମଲାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ସୂଚନା ଦେଇଛନ୍ତି।

### ସୁନ୍ଦରପୁରରେ ବଟି ଆଦାୟ, ଆକ୍ରମଣ ମାମଲା

# ଡକାୟତି ଯୋଜନା ବେଳେ ଧରାପଡିଲେ ୩ ଅଭିଯୁକ୍ତ

ଛତ୍ରପୁର,୨୧।୧୦(ଡି.ଏନ.ଏ)

ଛତ୍ରପୁର ଥାନା ସୁନ୍ଦରପୁର ଗାଁରେ ଲୋକଙ୍କୁ ବଟି ମାଗିବା ଓ ଆକ୍ରମଣ କରିବା ମାମଲାରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ପୋଲିସ ମୁଖ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଥାନା କାଇଞ୍ଚପୁର ଗାଁର କୁନା ରେଡ୍ଡୀ, ଛତ୍ରପୁରରେ ରହୁଥିବା ଗଞ୍ଜାମ ଏନଏସି ରାଉଳ ସାହିର ପପୁ ରାଉଳ ଓ ଛତ୍ରପୁର ଥାନା ଚିକଲଖଣ୍ଡି ଗାଁର ସିମାଦ୍ରୀ ରେଡ୍ଡୀ। ସେମାନଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ, ୨ଟି ବୋମା, ୨ଟି ବାଇକ୍ ( ୟୁପି୭୦ବିଆର୍ ୨୫୨୪ ଓ ଓଆର୍ ୦୭ ଏନ୍ ୦୨୨୨) ଓ ଗୋଟିଏ ଖଣ୍ଡା ଜବତ କରାଯାଇଛି। କୁନାଙ୍କ ଠାରୁ ଦେଶୀ ପିସ୍ତଲ ମିଳିଥିଲା। ରବିବାର ଛତ୍ରପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ ଏହି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଉପସ୍ଥିତ ଥିଲେ।



ଗିରଫ ୩ ଅଭିଯୁକ୍ତ

ଶନିବାର ବିଳମ୍ବିତ ରାତିରେ ଛତ୍ରପୁରସ୍ଥିତ ବୀରେଶ୍ୱର ମନ୍ଦିର ନିକଟରେ କୁନା, ପପୁ ଓ ସିମାଦ୍ରୀ ଏବଂ ଅନ୍ୟ ୨ ଜଣ ଏକ ଡକାୟତି ପାଇଁ ଯୋଜନା କରୁଥିଲେ। ଏ ସମ୍ପର୍କରେ ଖବର ପାଇ ଛତ୍ରପୁର

**ମାରଣାସ୍ତ୍ର ଜବତ, ୨ ଚମ୍ପଟ**

ଥାନା ଏସଆଇ ରାଙ୍ଗା ରାଓ ଓ ଅନ୍ୟ ଷ୍ଟାଫ୍ ମାନେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ୨ ଜଣ ଖସି ପଳାଇଥିଲେ। ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ.୧୬୨/୧୮) ରୁଜୁ କରାଯାଇଛି। ଛତ୍ରପୁର ଥାନା ସୁନ୍ଦରପୁର ଗାଁରେ ବଟି ମାଗିବା ସହ ଆକ୍ରମଣ ମାମଲାରେ ୯ ଜଣ ସମ୍ପୃକ୍ତ ଥାଇ ଫେରାର ଥିଲେ। ସେମାନଙ୍କ ମଧ୍ୟରୁ କୁନା,ପପୁ ଓ ସିମାଦ୍ରୀ ଗିରଫ ହୋଇଛନ୍ତି। ଅନ୍ୟ ମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସଡିପିଓ ସେଠୀ କହିଛନ୍ତି। ବିଭିନ୍ନ ଡକାୟତି ଓ ରାହାଜାନି ମାମଲାରେ କୁନା ଓ ପପୁ ସମ୍ପୃକ୍ତ ଅଛନ୍ତି। କୁନାଙ୍କ ନାଁରେ ବ୍ରହ୍ମପୁରର ବିଭିନ୍ନ ଥାନାରେ ୨ଟି, ପୁରୀ ଜିଲା କୁମ୍ଭାରପଡା ଥାନାରେ ଗୋଟିଏ ଏବଂ ଗଞ୍ଜାମ ଜିଲାର ବିଭିନ୍ନ ଥାନାରେ ୧୪ ମାମଲା ରହିଛି। ସେହିପରି ପପୁଙ୍କ ନାଁରେ ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନାରେ ୫ ଟି ମାମଲା ରହିଥିବା ସୂଚନା ଦିଆଯାଇଛି। କୁନା କିଛି ଦିନ ପୂର୍ବେ ଜାମିନ୍‌ରେ ଜେଲରୁ ବାହାରିଥିଲେ। ସୂଚନା ଅନୁସାରେ ସୁନ୍ଦରପୁର ଗାଁରେ ୧୫ ତାରିଖରେ କୁନା, ପପୁ ଓ ସିମାଦ୍ରୀଙ୍କ ସମେତ ୯ ଜଣ ଯୁବକ ପହଞ୍ଚି କେତେଜଣଙ୍କୁ ଦାଦାବଟି ମାଗିବା ସହ ଆକ୍ରମଣ ଓ ହତ୍ୟା ଧମକ ଦେଇଥିଲେ। ଏ ନେଇ ଏତଲା ହେବା ପରେ ଛତ୍ରପୁର ଥାନାରେ ଏକ ମାମଲା (ନଂ.୧୫୬/୧୮) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିଲା।

## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ଆସିକା,୨୧।୧୦(ଡି.ଏନ୍.ଏ.)

ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତାର ଗାଙ୍ଗପୁର ଥାନା ଅନ୍ତର୍ଗତ ଆମ୍ବଡୋଳି ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାରେ କ୍ଷେତ୍ରୀୟବରପୁର ଗ୍ରାମର ସରୋଜ କୁମାର ତ୍ରିପାଠୀ ଗୁରୁତର ଆହତ ହୋଇଥିଲେ। ଆହତ ସରୋଜଙ୍କୁ ପ୍ରଥମେ ଗୋବରା, ପରେ ଭଞ୍ଜନଗର ସରକାରୀ ଡାକ୍ତରଖାନାରେ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ସେଠାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଅପରାହ୍ନରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସରୋଜ ରାସ୍ତାରେ ଚାଲି ଚାଲି ଯାଉଥିଲା ବେଳେ ତାଙ୍କୁ ଏକ ବାଇକ ଧକ୍କା ଦେଇଥିଲା। ପୋଲିସ ବାଇକ ଜବତ କରି ନଂ.୧୪୯/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ

# ଝିଅ ଘରେ ଦଶହରା ଭାର ଦେଇ ଫେରିଲେନି ବାପା

ଭଞ୍ଜନଗର,୨୧।୧୦(ଡି.ଏନ.ଏ.)

ଗାଲେରି ନିଧିଆପଲ୍ଲୀ ରାସ୍ତାର ବ୍ରାହ୍ମଣପଦର ନିକଟରେ ରବିବାର ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଚାଳକ ଓ ଜଣେ ପଥଚାରୀ ଗୁରୁତର ଭାବେ ଆହତ ହୋଇଥିଲେ। ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ ଗାଲେରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଭଞ୍ଜନଗର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଭଞ୍ଜନଗର ମେଡ଼ିକାଲରେ ପଥଚାରୀ କୈଳାସ ନାଇକଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏଥିସହ ବାଇକ୍ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ଭଞ୍ଜନଗର ଥାନା ସାନକୋଦଣ୍ଡା ପଞ୍ଚାୟତ ଚଢ଼େୟାପଲ୍ଲୀର କୈଳାସ ତାଙ୍କ ଝିଅ ଘର ଗାଲେରୀ ଫାଣ୍ଡି ଝାଲିଆଗୋଛାକୁ ଦୁଇଦିନ ପୂର୍ବେ ଦଶହରା ଭାର ନେଇ ଯାଇଥିଲେ। ରବିବାର ରାତି ପ୍ରାୟ ସାଢ଼େ ୭ଟାରେ ସେ ନଦୀରୁ ଗାଧୋଇ ଝିଅ ଘରକୁ ଚାଲିଚାଲି ଆସୁଥିଲେ। ଏହି ସମୟରେ ଗାଲେରୀ ଆଡୁ ବ୍ରାହ୍ମଣପଦର ଅଭିମୁଖେ କୈଳାସ ବାଇକରେ ଆସୁଥିବା ବେଳେ ତାଙ୍କୁ ଧକ୍କା ଦେଇଥିଲେ।

## ନଦୀରେ ବୁଡ଼ିଯାଇ ଯୁବକଙ୍କ ମୃତ୍ୟୁ

ଟିକିଟି,୨୧।୧୦(ଡି.ଏନ୍.ଏ.)

କେ.ନୂଆଗାଁ ଥାନା ଟିକିଟିଫାଣ୍ଡି ଟିଲାଡି ଗ୍ରାମରେ ରବିବାର ସକାଳ ପ୍ରାୟ ୯ଟାରେ ନଦୀରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଲୋକ ପଣ୍ଡା। ଆଲୋକ ଗାଧୋଇବା ପାଇଁ ନିକଟସ୍ଥ ବାହୁଦା ନଦୀକୁ ଯାଇଥିବା ବେଳେ ଗୋଡ଼ ଖସି ଭାସିଯାଇଥିଲେ। ପାଟି ଶୁଣି ଲୋକମାନେ ପହଞ୍ଚି ଖୋଜାଖୋଜି କରିବାପରେ ୧୦୦ମିଟର ଦୂରରେ ଏକ କୂଳରୁ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ପରିବାର ଲୋକେ କହିଛନ୍ତି। ଟିକିଟି ଫାଣ୍ଡି ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ ଏ ନେଇ କୌଣସି ସୂଚନା ନ ଥିବା କହିଛନ୍ତି।

## ମଦ ଜବତ, ଜଣେ ଗିରଫ

ଦିଗପହଣ୍ଡି,୨୧।୧୦(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ସିନ୍ଧବା ଗ୍ରାମରେ ବେଆଇନ୍ ମଦ ବିକ୍ରି ଅଭିଯୋଗରେ ଜ୍ୟୋଛେନ୍ଦ୍ର ନାଇକଙ୍କୁ କେ.ନୂଆଗାଁ ପୋଲିସ ଗିରଫ କରି ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ଶନିବାର ଗ୍ରାମରେ ମଦ ବିକ୍ରି କରୁଥିବା ବେଳେ ଜ୍ୟୋଛେନ୍ଦ୍ର ପୋଲିସ ହାତରେ ଧରାପଡ଼ିଥିଲେ। ତାଙ୍କଠାରୁ ୧୯ ଲିଟର ରନ୍ଧା ଦେଶୀ ମଦ ଜବତ ହୋଇଛି। ଏନେଇ ନଂ. ୧୩୪/୧୮ରେ ମାମଲା ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ସୁଜିତ କୁମାର ନାୟକ କହିଛନ୍ତି।

## ଡାଲା ଅଟୋ ଓଲଟି ୩ ଆହତ

କୁକୁଡ଼ାଖଣ୍ଡି,୨୧।୧୦(ଡି.ଏନ୍.ଏ.)

ଆଙ୍କୁଶପୁର ସଦର ଥାନା ମା' ମୟୁରୀ କାଳୁଆ ମନ୍ଦିର ରାସ୍ତାରେ ଏକ ଡାଲା ଅଟୋ ଓଲଟି ରବିବାର ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଶିବ ଡାକୁଆ, ବାବୁ ସାହୁ, ଦୁର୍ଗା ଡାକୁଆ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋ(ନଂ.ଓଡି୦୭ଡବ୍ଲ୍ୟୁ୭୫୦)କୁ ଜବତ କରିବା ସହ ଆହତଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇଛି। ସିଦ୍ଧେଶ୍ୱର ଗ୍ରାମର ଏକ ଡାଲା ଅଟୋରେ ୮ଜଣ ପିକନିକ୍ କରିବା ପାଇଁ କାଳୁଆ ମନ୍ଦିରକୁ ଯାଉଥିଲେ। ବଙ୍କା ରାସ୍ତାରେ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

## ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

ଦିଗପହଣ୍ଡି/ପାଟପୁର,୨୧।୧୦(ଡି.ଏନ୍.ଏ.)

ପାଟପୁର ପୋଲିସ ରବିବାର ପୂର୍ବାହ୍ନରେ ପି.ସାମନ୍ତରାପୁର ଗ୍ରାମରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଆଉ କେତେକ ଜୁଆଡ଼ି ଫେରାର୍ ହୋଇଯାଇଛନ୍ତି। ସେଠାରୁ ୧୮ ହଜାର ୬୦୦ ଟଙ୍କା, ଜରିପାଲ ଓ ତାସମୁଠା ଜବତ ସହ ନଂ. ୧୯୬/୧୮ରେ ମାମଲା ରୁଜୁ କରାଯାଇଛି। ଆଇଆଇସି ରମେଶ କୁମାର ପ୍ରଧାନ, ଏଏସ୍‌ଆଇ କାଳୀଚରଣ ପ୍ରହରାଜ, ଗୋଲକ ପଲେଇଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ